# CONTINUOUS COMPREHESNSIVE EVALUATION
## ( ନିରନ୍ତର ସାମଗ୍ରୀକ ଆକଳନ)
## 10th class, Second Language:Odia, Paper- II
## (ଦଶମ ଶ୍ରେଣୀ-ପ୍ରଥମ ଭାଷା: ଓଡିଆ, ଦ୍ୱିତୀୟ ପତ୍ର-II)
## ଦ୍ୱିତୀୟ ପତ୍ରର ସିଲାବସ୍ ( Part A & Part B )
## Paper wise syllabus paper –II

★ ଗଳ୍ପ ଓ ଏକାଙ୍କିକାର ସମସ୍ତ ପାଠର ପ୍ରଶ୍ନ ଦିଆଯିବ
( ଗଳ୍ପ : କଳିଯୁଗର ସମାପ୍ତି ଏବଂ ମିଶ୍ରବାବୁ, କାଳର କପୋଳ ତଳେ, ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ
ଏକାଙ୍କିକା : ସୁରସୁନ୍ଦରୀ, କୋଣାର୍କ )
★ ସୃଜନଶୀଳ ସମ୍ପର୍କିତ ପ୍ରଶ୍ନ
★ ବ୍ୟାକରଣ

## PART – A

- ଗଳ୍ପ ଓ ଏକାଙ୍କିକାର ପାଠ୍ୟଗତ ପ୍ରଶ୍ନାବଳୀ ।
- ଘଟଣାକ୍ରମରେ ସଜାଇ ଲେଖିବା
- ଅପରିଚିତ ପଦ୍ୟାଂଶ
- ଅପରିଚିତ ଗଦ୍ୟାଂଶ
- ଚରିତ୍ର ଚିତ୍ରଣ/ ଚରିତ୍ର ବୈଶେଷତ୍ୱ
- କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ
- ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ
- ସୃଜନଶୀଳ ପ୍ରଶ୍ନାବଳୀ
- ପତ୍ର ଲିଖନ
- ପ୍ରବନ୍ଧ
- ପ୍ରଚାର ପତ୍ର
- କଥୋପକଥନ, ସାକ୍ଷାତ୍‌କର ପ୍ରଶ୍ନାବଳୀ ପ୍ରସ୍ତୁତି-ଏକାଙ୍କିକା ଲିଖନ
- ବିଜ୍ଞାପନ ଓ ସମ୍ବାଦ ପ୍ରସ୍ତୁତି, କବିତା ଓ ଗଳ୍ପ ଲିଖନ –ଜୀବନୀ ତଥ୍ୟ

# PART - B

- **ବାକ୍ୟବିଚାର:** 1) ଯୋଗ୍ୟତା, 2) ଆକାଂକ୍ଷା, 3) ଆସକ୍ତି, 4) ବାକ୍ୟାଂଶ, 5) ଖଣ୍ଡବାକ୍ୟ

- **ପଦ ବିନ୍ୟାସ:** ଏଥିରେ ଥିବା ବା'ରଟି ଅଂଶ ।

- **ବାକ୍ୟର ପ୍ରକାର ଭେଦ:** 1) ଗଠନାତ୍ମକ ରୂପ – ସରଳ,ଜଟିଳ,ଯୌଗିକ ଓ ମିଶ୍ରବାକ୍ୟ ।
  2) ପ୍ରକାର୍ଯ୍ୟାତ୍ମକ ରୂପ – ବିବୃତି ସୂଚକ, ଆଦେଶ ବା ଅନୁରୋଧ ସୂଚକ, ପ୍ରଶ୍ନ ସୂଚକ, ବିସ୍ମୟ ସୂଚକ, ନାସ୍ତିସୂଚକ ।
- **ବାକ୍ୟ ରୂପାନ୍ତର :** 1) ବାକ୍ୟର ଗଠନ ରୂପାନ୍ତର
  2) ବାକ୍ୟର ଅର୍ଥାନ୍ତର ରୂପାନ୍ତର
  3) ବାକ୍ୟଗତ ରୂପାନ୍ତରି କରଣ
  (କର୍ତ୍ତୃବାଚ୍ୟ ,କର୍ମବାଚ୍ୟ, ଭାବବାଚ୍ୟ)

- **ବାକ୍ୟ ସଂକ୍ଷେପଣ:** ସନ୍ଧିଦ୍ୱାର, ସମାସ ଦ୍ୱାରା, କୃଦନ୍ତ ଦ୍ୱାରା, ତଦ୍ଧିତ ଦ୍ୱାରା,ଉପସର୍ଗ ଦ୍ୱାରା, ସମାର୍ଥବୋଧକ ଶବ୍ଦ ଦ୍ୱାରା, ଉକ୍ତି ପରିବର୍ତ୍ତନ(ପ୍ରତ୍ୟେକ୍ଷ ଉକ୍ତି,ପରୋକ୍ଷ ଉକ୍ତି)
- **ରୂଢ଼ି ଓ ଲୋକବାଣୀ ।**

☆☆☆☆☆☆☆☆

## ଶିକ୍ଷାମାନ ଭାରତ୍ୱ ସାରଣୀ

| କ୍ରମ ସଂଖ୍ୟା | ଶିକ୍ଷାମାନ ଭାରତ୍ୱ ସାରଣୀ | ମାର୍କ | ଶତକଡା |
|---|---|---|---|
| 1. | ବୋଧ ଅନୁଚିନ୍ତନ | 12 | 30% |
| 2. | ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ | 18 | 45% |
| 3. | ବ୍ୟାକରଣ | 10 | 25% |
| | ମୋଟ | 40 | 100% |

## ବିଷୟଗତ ଭାରତ୍ୱ ସାରଣୀ

| କ୍ରମ ସଂଖ୍ୟା | ବିଷୟ | ମାର୍କ | ଶତକଡା |
|---|---|---|---|
| 1. | ପଦ୍ୟ(ଅପରିଚିତ ପଦ୍ୟ) | 4 | 10% |
| 2. | ଗଦ୍ୟ (ଅପରଚିତ ଗଦ୍ୟ) | 4 | 10% |
| 3. | ଗଳ୍ପ ଏକାଙ୍କିକା(ବୋଧ-ସ୍ୱୀୟରଚନା) | 12 | 30% |
| 4. | ସୃଜନ ଶୀଳ | 10 | 25% |
| 5. | ବ୍ୟାକରଣ | 10 | 25% |
| | ମୋଟ | 40 | 100% |

## ( ପ୍ରଶ୍ନଗତ ଭାରତ୍ୱ ସାରଣୀ)

| କ୍ରମ ସଂଖ୍ୟା | ପ୍ରଶ୍ନର ପ୍ରକାର ଭେଦ | ପ୍ରଶ୍ନ ସଂଖ୍ୟା | ମାର୍କ | ମୋଟ ମାର୍କ | ଶତକଡା |
|---|---|---|---|---|---|
| 1. | ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ | 1<br>2 | 4<br>5 | 4<br>10 | 35% |
| 2. | କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | 2 | 2 | 4 | 10% |
| 3. | ଅନୁଚ୍ଛେଦ, ପଦ୍ୟ ତଥା କ୍ରମରେ ସଜାଇ ଲେଖିବା ପ୍ରଶ୍ନ | 12 | 12 | 12 | 30% |
| 4. | ବ୍ୟାକରଣ | 20 | $\frac{1}{2}$ | 10 | 25% |
| | ମୋଟ | | | 40 | 100% |

## ପ୍ରଶ୍ନ ଗୁଡିକର ସ୍ୱଭାବଗତ ଭାରତ୍ୱ ସାରଣୀ

| କ୍ରମ ସଂଖ୍ୟା | କଠିନସ୍ତର | ମାର୍କ | ଶତକଡା |
|---|---|---|---|
| 1. | କଠିନ | 12 | 30% |
| 2. | ସରଳ | 16 | 40% |
| 3. | ସହଜ | 12 | 30% |
| | ମୋଟ | 40 | 100% |

# ପ୍ରଶ୍ନଗତ ବିଶ୍ଳେଷଣ ସାରଣୀ

## ଦ୍ୱିତୀୟ-ପତ୍ର (PART-A & B)

| କ୍ରମ ସଂଖ୍ୟା | ଶିକ୍ଷାମାନ | ପ୍ରଶ୍ନର ପ୍ରକାର ଭେଦ | ମାର୍କ | ପ୍ରଶ୍ନ ଗୁଡିକର ସ୍ୱଭାବ |
|---|---|---|---|---|
| I. | ବୋଧ - ଅନୁଚିନ୍ତନ | | 12 | |
| | | କ) ଘଟଣା କ୍ରମରେ ସଜାଇ ଲେଖ । | 4 | କ) ଗଳ୍ପ ଓ ଏକାଙ୍କିକାରୁ ଦିଆ ଯାଇଥିବା ଉକ୍ତି ଗୁଡିକୁ ଘଟଣା କ୍ରମରେ ସଜାଇ ଲେଖିବ । |
| | | ଖ) ଅପରିଚିତ ପଦ୍ୟ | 4 | ଖ) ଅପରିଚିତ ପଦ୍ୟରେ ପୌରାଣିକ କିମ୍ବା ଆଧୁନିକ ସରଳ ପଦ୍ୟର ପଦ୍ୟାଂଶ ଦିଆଯିବ । ଏଥିରେ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ, ପ୍ରଶ୍ନର ଉତ୍ତର ଠିକ୍ ,ଭୁଲ ଚିହ୍ନଟ କରିବା,ପ୍ରଶ୍ନ ତିଆରିକରିବା ଭଳି ପ୍ରଶ୍ନ ଦିଆଯିବ । |
| | | ଗ) ଅପରିଚିତ ଗଦ୍ୟ | $4x\frac{1}{2}=2$ | ଅପରିଚିତ ଗଦ୍ୟରେ ପ୍ରଶ୍ନଗୁଡିକର ଉତ୍ତର,ପ୍ରଶ୍ନ ତିଆରି କରିବା, ବହୁବିକଳ୍ପ ଉତ୍ତର ମୂଳକ ପ୍ରଶ୍ନ କିମ୍ବା ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ । |
| | | ଘ) ଅପରିଚିତ ଗଦ୍ୟ | $4x\frac{1}{2}=2$ | ଅପରିଚିତ ଗଦ୍ୟରେ ବିଜ୍ଞାପନ ,ପତ୍ର, କଥୋପକଥନ(ସଂଳାପ)ସମ୍ବାଦ,ପ୍ରଚାରପତ୍ର ସମ୍ପର୍କିତ ଅନୁଚ୍ଛେଦଟିରୁ ପ୍ରଶ୍ନଉତ୍ତର ଏବଂ ପ୍ରଶ୍ନ ତିଆରି କରିବା ପ୍ରଭୃତି ଦିଆଯିବ । |

| | | | | |
|---|---|---|---|---|
| II. | ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ(ସ୍ୱୀୟରଚନା) | | 18 | |
| | | କ) କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | 4 (2x2) | କ) ଏଥିରେ ଚରିତ୍ର ଚିତ୍ରଣ ତଥା ବିଷୟଗତ ପ୍ରଶ୍ନ, ଗଳ୍ପ ଓ ଏକାଙ୍କିକାରୁ ଦିଆଯିବ । |
| | ସୃଜନଶୀଳ ଓ ପରିପ୍ରକାଶ | ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ | 4 | ଗଳ୍ପ ଓ ଏକାଙ୍କିକାର ପ୍ରଶ୍ନ ଦିଆଯିବ । |
| | | | 10 (2x5) | ପତ୍ର ଲିଖନ,ପ୍ରବନ୍ଧ,କଥୋପକଥନ(ସଂଳାପ) ପ୍ରଚାର ପତ୍ର,ବର୍ଣ୍ଣନା,ସାକ୍ଷାତକାର ପ୍ରଶ୍ନାବଳୀ, ସମ୍ବାଦ ପ୍ରସ୍ତୁତି, ଜୀବନୀ ତଥା ବିଜ୍ଞାନ ପ୍ରସ୍ତୁତି, ଗଳ୍ପ ଲିଖନି,କବିତା ଲିଖନି,ପ୍ରଭୃତିରୁ ଚାରଟି ପ୍ରଶ୍ନ ଦିଆଯିବ, ପ୍ରତ୍ୟେକ ବିଭାଗରୁ ଗୋଟିଏ ପ୍ରଶ୍ନର ଉତ୍ତର ଦେବେ । |
| III. | ବ୍ୟାକରଣ | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ( ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ) | $20 \times \frac{1}{2} = 10$ | ଏଥିରେ ବାକ୍ୟ ବିଚାର ପଦବିନ୍ୟାସ, ବାକ୍ୟର ପ୍ରକାର ଭେଦ,ବାକ୍ୟ ରୂପାନ୍ତର,ବାକ୍ୟ ସଂକ୍ଷେ-ପଣରୁ ଦଶଗୋଟି ପ୍ରଶ୍ନ ଦିଆଯିବ । ଏଥିପାଇଁ 5 ମାର୍କ ରହିବ ।<br><br>ରୂଢି ଓ ଲୋକବାଣୀରୁ 10 ଗୋଟି ପ୍ରଶ୍ନ । ଏଥି ପାଇଁ 5 ମାର୍କ ଦିଆଯିବ । |

# ପ୍ରଶ୍ନଗତ ବିଶ୍ଳେଷଣ

## ପ୍ରଥମ ଭାଷା : ଓଡିଆ (ଦ୍ୱିତୀୟ ପତ୍ର-II)

| | | |
|---|---|---|
| କ) ବାକ୍ୟବିଚାର | : | ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ । |
| ଖ) ପଦବିନ୍ୟାସ | : | ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ । |
| ଗ) ବାକ୍ୟରେ ପ୍ରକାର ଭେଦ | : | ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ । |
| ଘ) ବାକ୍ୟର ରୂପାନ୍ତର | : | ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ । |
| ଙ) ବାକ୍ୟ ସଂକ୍ଷେପଣ | : | ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ । |
| ଚ) ରୂଢ଼ି | : | ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ । |
| ଛ) ଲୋକବାଣୀ | : | ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ । |

# ଦଶମ ଶ୍ରେଣୀ – ଓଡିଆ (ପ୍ରଥମ ଭାଷା) ଦ୍ୱିତୀୟ ପତ୍ର – 2

## ଭାରତ୍ୱ - ସାରଣୀ (BLUE PRINT)

| କ୍ରମ ସଂଖ୍ୟା | ଶିକ୍ଷାମାନ | ଭାବ ବୋଧ – ଅନୁଚିନ୍ତନ | | | | ବ୍ୟକ୍ତୀକରଣ – ସୃଜନ ଶୀଳ | | | | ଭାଷା ପ୍ରକରଣ | | | | ମୋଟ | | | |
|---|---|---|---|---|---|---|---|---|---|---|---|---|---|---|---|---|---|
| | ପାଠ୍ୟାଂଶ | ଦୀର୍ଘ | କ୍ଷୁଦ୍ର | ଅତି କ୍ଷୁଦ୍ର | ନିର୍ଦ୍ଦିଷ୍ଟ | ଦୀର୍ଘ | କ୍ଷୁଦ୍ର | ଅତି କ୍ଷୁଦ୍ର | ନିର୍ଦ୍ଦିଷ୍ଟ | ଦୀର୍ଘ | କ୍ଷୁଦ୍ର | ଅତି କ୍ଷୁଦ୍ର | ନିର୍ଦ୍ଦିଷ୍ଟ | ଦୀର୍ଘ | କ୍ଷୁଦ୍ର | ଅତି କ୍ଷୁଦ୍ର | ନିର୍ଦ୍ଦିଷ୍ଟ |
| 1. | ଅପରିଚିତ ପଦ୍ୟ | - | - | 4(1) | - | - | - | - | - | - | - | - | - | - | - | 4(1) | - |
| 2. | ଅପରିଚିତ ଗଦ୍ୟ | - | - | 4 (½) | | 2(5) | - | - | - | - | - | - | - | 2(5) | - | 4 (½) | - |
| | ସୃଜନଶୀଳ ପରିପ୍ରକାଶ | - | - | 4 (½) | - | | | | | - | - | - | - | | - | 4 (½) | - |
| 3. | ଭାଷା ପ୍ରକରଣ (ବ୍ୟାକରଣ) | - | - | - | - | - | - | - | - | - | - | - | 20 (½ ) | - | - | - | 20 (½ ) |
| 4. | ଗଳ୍ପ ଓ ଏକାଙ୍କିକା | - | - | 4(1) | - | 1(4) | 2(2) | - | - | - | - | - | - | 1(4) | 2(2) | 4(1) | - |
| ମୋଟ ମାର୍କ | | - | - | 12 | - | 14 | 4 | - | - | - | - | - | 10 | 14 | 4 | 12 | 10 |
| | | 12 | | | | 18 | | | | 10 | | | | 40 | | | |

# ସଂଗ୍ରହଣାତ୍ମକ ଆକଳନ -1

## ନମୁନା ପ୍ରଶ୍ନ ପତ୍ର

### ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ଦ୍ୱିତୀୟ ପତ୍ର-II)

**SUMMATIVE ASSESSMENT-I (Model Paper)**
**First Language-Odia (Paper-II)**
**PART-A & B**

**[X –Class]** **[Max.Marks : 40]** **[ Time : 2.45 Hours]**

**Student Name: …………………………………. Roll No:…………………………..**

---

ସୂଚନା : 1. ପ୍ରଶ୍ନପତ୍ରଟି ପଢିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଅତିରିକ୍ତ 15 ମି. ସମୟ ଦିଆଯାଇଛି ।
2. Part-A ପ୍ରଶ୍ନଗୁଡିକର ଉତ୍ତର ତୁମକୁ ଦିଆ ଯାଇଥିବା ଉତ୍ତର ଖାତାରେ ଲେଖ ।
3. Part-B ପ୍ରଶ୍ନଗୁଡିକର ଉତ୍ତର କେବଳ ପ୍ରଶ୍ନ ପତ୍ରର ସୂଚିତ ସ୍ଥାନରେ ଉତ୍ତର ଲେଖ ।
4. Part-B ପ୍ରଶ୍ନଗୁଡିକର ଉତ୍ତର Part-A ଖାତାରେ ଲେଖିଲେ ମାର୍କ ଦିଆଯିବ ନାହିଁ ।

## PART-A

**I.ବୋଧ-ଅନୁଚିନ୍ତନ ।** [ 12 ମାର୍କ ]

କ] **1.** ନିମ୍ନ ଉକ୍ତି ଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ । [4x1 =4]

**କ)** ଧରମା ମା'- ବଡ କ'ଣରେ ପୁଅ ! ..................... ବହୁତ ବଡ ।
ତୋ ବାପାଙ୍କଠୁଁ ବଳି ବଡ କାରିଗର ଏ ମୁଲକରେ ଆଉ କେହି ନାହିଁ ।

**ଖ)** ଧରମା – ଆଚ୍ଛା, ମା'- ବାପା କ'ଣ ବଡ କାରିଗର ?

**ଗ)** ଧରମା – (ଖୁସିରେ) ଠାକୁରେ କରନ୍ତୁ, ମୋ ବାପା ଭଲରେ ଘରକୁ ଫେରନ୍ତୁ ।
(ବାଟରେ ଜଣେ ଆଗନ୍ତୁକର ପାଟି ଶୁଭିଲା)

**ଘ)** ଆଗନ୍ତୁକ-ଘରେ କିଏ ଅଛ, ଟିକେ ଶୁଣିବ ?

ଖ] ନିମ୍ନ ପଦ୍ୟାଂଶଟି ପଢି ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ । [4x1 =4]

"ଉଠ ହେ ଉତ୍କଳ ବାସୀ
ଦୂରେ ଫିଙ୍ଗି ଦୁଃଖ ରାଶି,
ଛେଦି ଜଡତାର ନାଗ ପାଶ,
ସକଳ ଦୂରିତଜିଣା
ବିଶ୍ୱରାଣୀ ବାଣୀ – ବୀଣା
ବାଜେ ପୂରି ଉତ୍କଳ ଆକାଶ ହେ ନରନାରୀ ।

**2.** କବି ଏଠାରେ କାହାକୁ ଆହ୍ୱାନ କରିଛନ୍ତି ?

**3.** କବି ମନରୁ କ'ଣ ଦୂର କରିବା ପାଇଁ କହିଛନ୍ତି ?

**4.** କେଉଁ ପାଶକୁ ଛିଣ୍ଡାଇବା ପାଇଁ କହି ପରାମର୍ଶ ଦେଇଛନ୍ତି ?

**5.** କାହାର ବୀଣା ଉତ୍କଳ ଆକାଶରେ ବାଜେ ବୋଲି କବି ଏଠାରେ କହିଛନ୍ତି ?

ଗ] ନିମ୍ନ ଅନୁଚ୍ଛେଦଟି ପଢି ପ୍ରଶ୍ନ ଗୁଡିକର ଉତ୍ତର ଲେଖ । [$4x\frac{1}{2}$ =2]

ବସନ୍ତର ଆଗମନରେ ଧରଣୀ ରାଣୀ ହସି ଉଠିଛି । ଚାରିଆଡେ ଲହରୀ । ଜଡ ସଂସାରରେ ଶୋଭାର ମୂର୍ତ୍ତିମନ୍ତ ପ୍ରକାଶ । ବସନ୍ତ-ମାଧୁରୀ-ମନ୍ଦିରା ପାନରେ ସମଗ୍ର ଜଗତ ମୋହିତ । ଏହା କିନ୍ତୁ ଅଳିକ । ବସନ୍ତ ପରେପରେ ପ୍ରଚଣ୍ଡ ଗ୍ରୀଷ୍ମଋତୁ । ଜାଳି ପୋଡି ଦେବ ସବୁ । ଜୀବନଟା ଏହି ଭଳି ଦେହରେ ଉଦ୍ଦାମ ଯୌବନ, ଦଗ୍ଧ ବସନ୍ତ ପରି । କବିତେଣୁ ଏହି ମୋହମାୟ ଗ୍ରସ୍ତ ଜୀବନକୁ ଛିଣ୍ଡାଇ ଶ୍ରେୟ ପଥକୁ ଆଦରି ଦେବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି । କବିଙ୍କର ଏହି ନବ-ବସନ୍ତ ଭାବନା ଭାବପୂର୍ଣ୍ଣ ହୋଇଛି ଜୀବନରେ ବସନ୍ତର ଆବଶ୍ୟକତା ରହିଛି; କିନ୍ତୁ ଏହା ଯେ ଆଧି-ବ୍ୟାଧିର ଆଳୟ । ଜରା ଜୀର୍ଣ୍ଣ ମୃତ ପ୍ରାୟ ଭୟରେ ପଡି ରହିଛି ସଂସାରରେ । ଦିନ ଆସେ, ତା'ର ଜୀବନ ଯୌବନ ସ୍ରୋତ ଶୁଷ୍କ ହୋଇଯାଏ । ସେ ଲକ୍ଷ୍ମୀ ଛଡା ହୁଏ, ହୀନ କୁତ୍ସିତ ଦୁଃଖୀ ହୋଇ କାଳାତିପାତ କରେ ।

**ପ୍ରଶ୍ନ :**

6. କାହାର ଆଗମନରେ ଧରଣୀ ରାଣୀ ହସି ଉଠିଛି ?
7. ଏଠାରେ ଜୀବନକୁ କାହା ସହିତ ତୁଳନା କରାଯାଇଛି ?
8. ମଣିଷ କେବେ ଲକ୍ଷ୍ମୀ ଛଡା ହୁଏ ?
9. ଏହି ଅନୁଚ୍ଛେଦଟିରେ କେଉଁ କେଉଁ ଋତୁକଥା କୁହାଯାଇଛି ?

ଘ] ପ୍ରଦତ୍ତ ସଂଳାପ ଗୁଡିକୁ ପଢି ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଦିଅ ? [$4x\frac{1}{2}$ =2]

ପାରା – ନିର୍ବାଚାରରେ ଜଙ୍ଗଲ ନଷ୍ଟ କରିବା ଯୋଗୁଁ ବର୍ଷାର ଅଭାବ ହୁଏ । ସଠିକ ସମୟରେ ପଡେ ନାହିଁ । ଏହା ଫଳରେ ଫସଲ ହୁଏ ନାହିଁ । ମରୁଡି ପଡେ । ଖାଇବାକୁ ଖାଦ୍ୟ ମିଳେ ନାହିଁ ।

ଶୁଆ – ସାରା ପୃଥିବୀ ପ୍ରଦୂଷିତ- ଖାଲି ପ୍ରଦୁଷିତ । ମରୁଡି ଖାଲି ମରୁଡି ।

ପାରା – ଜନସଂଖ୍ୟା ବୃଦ୍ଧି ଯୋଗୁଁ ହିଁ ପ୍ରଦୁଷଣ ଏବଂ ମରୁଡି ବଢି ଚାଲିଛି । ଆଉ ଏହି ମରୁଡି ପ୍ରଦୁଷଣରୁ ବିଭିନ୍ନ ରୋଗ ବଢି ଚାଲିଛି ।

ବିଲୁଆ – ଆମ ପ୍ରତି ଅନ୍ୟାୟ ବିଚାର କରୁଥିବାରୁ ଲୋକମାନେ ଶାସ୍ତି ପାଉଛନ୍ତି ।

ମଣିଷ – ସେମିତି କୁହନି, ଭଲ ନୁହେଁ । ପ୍ରକୃତି ଜଙ୍ଗଲ ସୁରକ୍ଷା ଆମର କର୍ତ୍ତବ୍ୟ ।

**ପ୍ରଶ୍ନ :**

10. ବର୍ଷାର ଅଭାବ କାହିଁକି ହୁଏ ?
11. ମରୁଡି ଦୂର କରିବା ପାଇଁ କ'ଣ କରିବା ଉଚିତ ?
12. ପାରାର ଅଭିମତ ସହ ତୁମେ ସମ୍ମତ କି ?
13. ଉପଯୁକ୍ତ ଶୀର୍ଷକଟିଏ ନିର୍ଣ୍ଣୟ କରି ଲେଖ ?

II. ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ (ସ୍ୱୀୟରଚନା) । [18 ମାର୍କ]

ଙ] ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଦିଅ । [2x2=4]

14. ଜୟଦେବ ବାବୁଙ୍କ ଚରିତ୍ର ଚିତ୍ରଣ କର ?

15. ସକାଳ ପରିବେଶକୁ ଗାଳ୍ପିକ ଭୁବନେଶ୍ୱର ବେହେରା କପରି ବର୍ଣ୍ଣନା କରିଛନ୍ତି ?

ଚ] ଅନ୍ୟୁନ ଦଶ କିମ୍ବା ବାର ଧାଡିରେ ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । [1x4 =4]

16. କଳିଯୁଗର ସମାପ୍ତି ଓ ମିଶ୍ରବାବୁ ଗଳ୍ପରୁ ଗାଳ୍ପିକ ଭୁବନେଶ୍ୱର ବେହେରା, କଳିଯୁଗର ଶେଷ କିପରି ହେବ ବୋଲି କହିଛନ୍ତି, ନିଜ ଭାଷାରେ ଲେଖ ।

(କିମ୍ବା)

"କଳଯୁଗର ସମାପ୍ତି ଓ ମିଶ୍ରବାବୁ" ଗଳ୍ପ ଅବଲମ୍ବନରେ ମୁନ୍ନୀ ଓ ମୁନ୍ନିଙ୍କ ମାଙ୍କ ଭିତରେ କ କଥୋପକଥନ ହୋଇଥିଲ୍ ନଜ ଭାଷାରେ ଲେଖ ।

ଛ] ନିମ୍ନ ସୃଜନଶୀଳ ପ୍ରଶ୍ନଗୁଡିକର ଉତ୍ତର ଦିଅ । [2x5 = 10]

17. "ଗଣତନ୍ତ୍ର ଦିବସ" ସମ୍ପର୍କରେ ପ୍ରବନ୍ଧଟିଏ ଲେଖ ।

( କିମ୍ବା )

ତୁମେ ଦେଖିଥିବା ଏକ ଦର୍ଶନୀୟ ସ୍ଥାନ ବିଷୟରେ ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖ ?

18. ତୁମେ ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ଗ୍ରାମ ଅଧିକାରୀଙ୍କୁ ସାକ୍ଷାତ୍ କରିବା ପାଇଁ ଉପଯୁକ୍ତ ପ୍ରଶ୍ନାବଳୀ ପ୍ରସ୍ତୁତି କର ?

( କିମ୍ବା )

ତୁମେ ଶୁଣିଥିବା ଗପଟିକୁ ନିଜ ଭାଷାରେ ଲେଖ ।

## ସଂଗ୍ରହଣାତ୍ମକ ଆକଳନ -1

## ନମୂନା ପ୍ରଶ୍ନ ପତ୍ର

## ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ଦ୍ୱିତୀୟ ପତ୍ର-II)

## SUMMATIVE ASSESSMENT-I (Model Paper)

## First Language-Odia (Paper-II)

## PART- B

**[X –Class]** **[Max.Marks : 10]** **[ Time : $\frac{1}{2}$ Hours]**

**Student Name: ………………………….** **Roll No:……………………**

| ଶିକ୍ଷାମାନ | I ବୋଧ-ଅନୁଚିନ୍ତନ | II ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ | III ଭାଷାପ୍ରକରଣ | ମୋଟ |
|---|---|---|---|---|
| ପ୍ରଶ୍ନ ସଂଖ୍ୟା | | | | |
| ପ୍ରଦତ୍ତ ମାର୍କ | 12 | 18 | 10 | 40 |
| ପ୍ରାପ୍ତ ମାର୍କ | | | | |
| ଗ୍ରେଡ୍ | | | | |

ସୂଚନା: 1.ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ସଠିକ ଉତ୍ତର ବନ୍ଧନୀ ମଧ୍ୟରେ ଲେଖ ।

2. Part-B ସମ୍ପର୍କିତ ଉତ୍ତର ଗୁଡିକୁ ନିର୍ଦ୍ଦେଶିତ ସ୍ଥାନରେ ଲେଖି Part-A ଉତ୍ତର ଖାତା ସହ ସଂଲଗ୍ନ କର ।

## PART-B

1. ସାର୍ଥକ ବାକ୍ୟର କି କି ଲକ୍ଷଣ ଥାଏ । ( )

କ) ଖଣ୍ଡବାକ୍ୟ ଯୋଗ୍ୟତା ଖ) ଯୋଗ୍ୟତା, ଆକାଂକ୍ଷା, ଆସତ୍ତି

ଗ) ଯୋଗ୍ୟତା, ଆକାଂକ୍ଷା, ବାକ୍ୟାଂଶ ଘ) ଆକାଂକ୍ଷା, ଆସତ୍ତି, ବିବୃତ୍ତି ସୂଚକ

2. ଏକ ବା ଏକାଧିକ ପଦମିଳିତ ହୋଇ ମନର ଭାବକୁ ସଂମ୍ପୂର୍ଣ୍ଣ ରୂପେ ପ୍ରକାଶ କଲେ ଏହା କୁହାଯାଏ । ( )

କ) ପଦ ଖ) ଶବ୍ଦ ଗ) ବର୍ଣ୍ଣ ଘ) ବାକ୍ୟ

3. "ହରିହରଙ୍କ କଥା ଶୁଣି ମା"----------------------- ଏହା କି ପ୍ରକାର ବାକ୍ୟ ( )

କ) ଖଣ୍ଡ ବାକ୍ୟ ଖ) ସରଳ ଗ) ମିଶ୍ରବାକ୍ୟ ଘ) ବାକ୍ୟାଂଶ

4. ଖଣ୍ଡବାକ୍ୟର ଏକ ଉଦାହରଣ ଏହା ହେବ । ( )

କ) କିଏ ପ୍ରଥମ ହେବ ଖ) ରାମ ଗୀତ ଗାଉଛି

ଗ) ସୀତା ଖେଳୁଛି ଘ) ଗୋବିନ୍ଦ ଖାଉଅଛି

5. ବାକ୍ୟରେ କ୍ରିୟା ସକର୍ମକ ହୋଇ ଥିଲେ କର୍ମ ପଦଟି କେଉଁ ଠି ରହେ । ( )

କ) କ୍ରିୟା ପରେ ଖ) କ୍ରିୟାପୂର୍ବରୁ

ଗ) କର୍ମ ପରେ ଘ) କର୍ତ୍ତା ପରେ

6. 'ମୋତେ ଶକ୍ତି ଦିଅ ପ୍ରଭୁ' । ବାକ୍ୟଟିରେ ଥିବା ସମ୍ବୋଧନ ପଦଟି ହେଲା । ( )

କ) ମୋତେ   ଖ) ଶକ୍ତି

ଗ) ଦିଅ   ଘ) ପ୍ରଭୁ

7. ମନୋଜ ଦରିଦ୍ର ମାନଙ୍କ ସେବା କରନ୍ତି । ଏହା କି ପ୍ରକାର ବାକ୍ୟ ? ( )

କ) ଜଟିଳ ବାକ୍ୟ   ଖ) ସରଳ ବାକ୍ୟ

ଗ) ଯୌଗିକ ବାକ୍ୟ   ଘ) ମିଶ୍ରବାକ୍ୟ

8. ବିଦ୍ୟାଶ୍ରୀ ଶ୍ରେଣୀରେ ବସିଲା, ମାତ୍ର ପଢି ପାରିଲା ନାହିଁ । ଏହା କି ପ୍ରକାର ବାକ୍ୟ? ( )

କ) ଯୌଗିକ ବାକ୍ୟ   ଖ) ଜଟିଳ ବାକ୍ୟ

ଗ) ସରଳ ବାକ୍ୟ   ଘ) ଖଣ୍ଡବାକ୍ୟ

9. 'ବିବୃତି ସୂଚକ' ବାକ୍ୟର ଏକ ଉଦାହରଣ ________ ( )

କ) ତୁମେ କେବେ ଆସିଲ ?   ଖ) ଘରଟାକୁ ସଫା କରିଦିଅ ।

ଗ) ଏ ବର୍ଷ ପ୍ରବଳ ଶୀତ ହୋଇଛି ।   ଘ) ତୁମର ନିୟମ ମୁଁ ପାଳିବି ନାହିଁ ।

10. ବାପା ଏତେ ଟଙ୍କା ଦେଲେ ! ଏହା କିପ୍ରକାର ବାକ୍ୟ __________ ( )

କ) ପ୍ରଶ୍ନ ସୂଚକ   ଖ) ଅନୁରୋଧ ସୂଚକ

ଗ) ନାସ୍ତି ସୂଚକ   ଘ) ବିସ୍ମୟ ସୂଚକ

11. 'ଅରଣ୍ୟ ରୋଦନ' ରୂଢିଟିର ଅର୍ଥ କ'ଣ ହେବ । ( )

କ) ବୃଥା ଚିନ୍ତା   ଖ) ବୃଥା ପ୍ରାଥନା

ଗ) ବୃଥା ସ୍ୱପ୍ନ   ଘ) ବୃଥା ପ୍ରୟାସ

12. 'ବୃଥା ସ୍ୱପ୍ନ' ଅର୍ଥ ବୁଝାଉଥିବା ଏକ ରୂଢି । ( )

କ) ଆକାଶ କୁସୁମ   ଖ) ଉପରିମାଲ

ଗ) ଅକଲ ଗୁଡୁମ୍   ଘ) ଏକ ଘର କିଆ

13. ' କାଠିକର ପାଠ' ଏହା କି ପ୍ରକାର ରଢି । ( )

କ) କ୍ରିୟାଯୁକ୍ତ   ଖ) କ୍ରିୟାହୀନ

ଗ) ତୁଳନାତ୍ମକ   ଘ) ବର୍ଣ୍ଣନାତ୍ମକ

14. 'ଜପମାଳି' ରୂଢିଟିର ଅର୍ଥ ଏହା ହେବ । ( )

କ) ଅତି ସୁନ୍ଦର   ଖ) ଅତି ମୂର୍ଖ

ଗ) ଅତି ପଣ୍ଡିତ   ଘ) ଅତି ପ୍ରିୟ

15. 'ଭାଗ୍ୟ ଫଳ' ଅର୍ଥ ବୁଝାଉଥିବା ରୂଢିଟି ଏହା ହେବ । ( )

କ) ଜୀବନ ମୂର୍ଚ୍ଛା   ଖ) କାଠିକର ପାଠ

ଗ) କପାଳ ଲିଖନ   ଘ) କୁହା ମୁଣ୍ଡା କପିଳା

16. 'ନଈ ନ ଦେଖୁଣୁ ଲଙ୍ଗଳା' ରୂଢିଟିର ଅର୍ଥ । ( )

କ) ପାଣି ନ ଦେଖି ଲଙ୍ଗଳା ହେବା ।

ଖ) ବିପଦ ନ ଆସୁଣୁ ଛାନିଆ ହେବା

ଗ) ଖାଲିଟାରେ ବ୍ୟସ୍ତ ହେବା ।

ଘ) ଅଳସୁଆ ପରି ବସିରହିଥିବା ।

17. ଅତି ଭକ୍ତି __________________ ।

ଲୋକବାଣୀଟିକୁ ପୂରଣ କର । ( )

କ) ଚୋରର ଲକ୍ଷଣ ଖ) ଧନୀର ଲକ୍ଷଣ

ଗ) ଠକଙ୍କ ଲକ୍ଷଣ ଘ) ଭକ୍ତଙ୍କ ଲକ୍ଷଣ

18. ଅଦା ବେପାରିର _______________ ।

ଲୋକବାଣୀଟିକୁ ପୂରଣ କର । ( )

କ) ଜମି ମୂଲ ଖ) ଜାହାଜ ମୂଲ

ଗ) ଘର ମୂଲ ଘ) ଦୋକାନ ମୂଲ

19. ଆତ୍ମୀୟ ଲୋକ ଶତ୍ରୁତା ଆଚରଣ କରିବା । ଅର୍ଥ ବୁଝାଉଥିବା ଲୋକବାଣୀଟି ହେଲା । ( )

କ) ନିଜ ଲୋକ ଶତ୍ରୁ ହେବା

ଖ) ଆଖୁ କିଆରିରେ ବସିବା

ଗ) ଅଣ୍ଟିଛୁରି ତଣ୍ଟି କାଟିବା

ଘ) ଓଟ ମୁହରେ ଜିରା

20. ଅଧର୍ମ ବିତ୍ତ ବଢେ ବହୁତ __________________ ।

ଲୋକବାଣୀଟିକୁ ପୂରଣ କର । ( )

କ) ଆସିଥାଏ ଧନ ବହୁତ

ଖ) ଗଲାବେଳେ ଯାଏ ମୂଳ ସହିତ

ଗ) ଆସିଲା ବେଳେ ଆସେ ଧନ ବହୁତ

ଘ) ଗଲାବେଳେ ଯାଏ ବହୁତ

# ସଂଗ୍ରହଣାତ୍ମକ ଆକଳନ -2

## ନମୁନା ପ୍ରଶ୍ନ ପତ୍ର

## ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ଦ୍ୱିତୀୟ ପତ୍ର-II)

## SUMMATIVE ASSESSMENT-II (Model Paper)

## First Language-Odia (Paper-II)

## PART-A & B

**[X –Class]** **[Max.Marks : 40]** **[ Time : 2.45 Hours]**

**Student Name: ………………………………….  Roll No:…………………………..**

---

**ସୂଚନା :** 1. ପ୍ରଶ୍ନପତ୍ରଟି ପଢିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଅତିରିକ୍ତ 15 ମି. ସମୟ ଦିଆଯାଇଛି ।

2. Part-A ପ୍ରଶ୍ନଗୁଡିକର ଉତ୍ତର ତୁମକୁ ଦିଆ ଯାଇଥିବା ଉତ୍ତର ଖାତାରେ ଲେଖ ।

3. Part-B ପ୍ରଶ୍ନଗୁଡିକର ଉତ୍ତର କେବଳ ପ୍ରଶ୍ନ ପତ୍ରର ସୂଚିତ ସ୍ଥାନରେ ଉତ୍ତର ଲେଖ ।

4. Part-B ପ୍ରଶ୍ନଗୁଡିକର ଉତ୍ତର Part-A ଖାତାରେ ଲେଖିଲେ ମାର୍କ ଦିଆଯିବ ନାହିଁ ।

## PART-A

**I.ବୋଧ-ଅନୁଚିନ୍ତନ ।** [ 12 ମାର୍କ ]

**କ]** **1.** ନିମ୍ନ ଉକ୍ତି ଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ । [4x1 =4]

**କ]** ତା’ ପରେ ଧୀରେ ଧୀରେ କହିଲେ, ‘ଆମର ଏକ ମାତ୍ର ଦାୟଦ ରାଜଜେମା ରାଜେଶ୍ୱରୀଙ୍କୁ ମହାରାଜ ଏ ରାଜ୍ୟର ଦାୟିତ୍ୱ ଅର୍ପଣ କରିବାକୁ ଚାହାନ୍ତି’ ।

**ଖ]** କୁରୁବାକୀ ଉପସ୍ଥିତ ସମସ୍ତଙ୍କ ଉପରେ ଥରେ ଆଖି ବୁଲେଇ ଆଣିଲେ ।

**ଗ]** ତାଙ୍କର ଅନୁପସ୍ଥିତିରେ ବର୍ତ୍ତମାନ ଠାରୁ ସେ ସମସ୍ତ କାର୍ଯ୍ୟ ପରିଚାଳନା କରନ୍ତୁ ବୋଲି ମହାରାଜାଙ୍କ ଇଚ୍ଛା ।

**ଘ]** ଆପଣଙ୍କ ମାନଙ୍କର କ’ଣ ଏଥିରେ ସମ୍ମତି ଅଛି ।

**ଖ]** ନିମ୍ନ ପଦ୍ୟାଂଶଟି ପଢି ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ । [4x1 =4]

ଅସ୍ତ ହେଲେ ରବି ଗ୍ରହରାଜ ଦିନମଣି,
ତାରାମୟ ହାରପିନ୍ଧି ଆସିଲା ରଜନୀ ।
ଚନ୍ଦ୍ରମାର ସୁଧା – କରେ ପ୍ରଫୁଲ୍ଲ ଭବନ,
ମନ୍ଦ ମନ୍ଦ ବହେ ଗନ୍ଧ ସହ ସମୀରଣ ।

**ପ୍ରଶ୍ନ:** **2.** ଏଠାରେ ଦିନମଣି ବୋଲି କାହାକୁ କୁହାଯାଇଛି ?

**3.** ଏହି ପଦ୍ୟାଂଶରେ କେଉଁ ସମୟରେ ଦୃଶ୍ୟ ବର୍ଣ୍ଣନା

**4.** ‘ରଜନୀ’ କେଉଁ ହାର ପିନ୍ଧି ଆସିବା କଥା-କବି କହିଛନ୍ତି ?

**5.** ପ୍ରଦତ୍ତ ପଦ୍ୟାଂଶଟିର ଶୀର୍ଷକ ଲେଖ ।

ଗ]  ନିମ୍ନ ଅନୁଚ୍ଛେଦଟି ପଢି ପ୍ରଶ୍ନ ଗୁଡିକର ଉତ୍ତର ଲେଖ ।  [4x $\frac{1}{2}$ =2]

ସାରଳାଙ୍କ ପରବର୍ତ୍ତୀ କାଳରେ ଓଡିଆ ସାହିତ୍ୟରେ ଏକ ଧର୍ମୀୟ ଉତ୍ସାହର ଯୁଗର ସୂତ୍ରପାତ ଘଟିଥିଲା ।  'ପଞ୍ଚସଖା' ଯୁଗର କୃତବିଦ୍ୟ ସନ୍ଥ ସାଧକ ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତଦାସ, ଯଶୋବନ୍ତ ଦାସ ଓ ଅଚ୍ୟୁତାନନ୍ଦ ଦାସ ଧର୍ମ-ଦର୍ଶନ ସଂପର୍କିତ ଅସଂଖ୍ୟ ଗ୍ରନ୍ଥ ରଚନା କରି ସାହିତ୍ୟ ଭଣ୍ଡାରକୁ ମହୀୟାନ କରିଯାଇଛି । ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ','ଲକ୍ଷ୍ମୀପୁରାଣ' ଜଗନ୍ନାଥ ଦାସଙ୍କ 'ଭାଗବତ' ଓଡିଶା ଜନତାର ଧର୍ମକୁ ଭାବନାକୁ ବହୁଳଭାବରେ ଉଦ୍‌ବୁଦ୍ଧ କରିଛି  । ଧର୍ମ ଧାରଣା, ଭାଷା,ସାହିତ୍ୟର ବିକାଶ ଓ ପ୍ରସାର ଦିଗରେ ପଞ୍ଚସଖା ଯୁଗ ଏକ ବୈପ୍ଳବିକ ଭୂମିକା ଗ୍ରହଣ କରିଥିଲା କହିଲେ ଅତ୍ୟୁକ୍ତ ହେବ ନାହିଁ । ରାମାୟଣର ସାମାଜିକ ଭାବଧାରା, ଲକ୍ଷ୍ମୀପୁରାଣର ଧାର୍ମିକ ଭାବନା ଭାଗବତର ନୈତିକ  ମୂଲ୍ୟବୋଧ ଭିତ୍ତିକ ମହାନ୍‌ବାଣୀ ଏ ଜାତିର  ମହାକାବ୍ୟ । ଅସଂଖ୍ୟା ଭଜନ,ଜଣାଣ,ସ୍ତୁତି,ଚଉପଦୀ,ଚଉତିଶା ପ୍ରଭୃତିର ଅପୂର୍ବ ସମାହାର ଏ ସାହିତ୍ୟକ ଯୁଗକୁ କରିଛି ବିଭବମଣ୍ଡତ ।

ପ୍ରଶ୍ନ: 6. ପଞ୍ଚସଖା କାହାକୁ କହନ୍ତି ?

7. ଓଡିଆ ଜାତିର ମହାକାବ୍ୟ ବୋଲି କାହାକୁ କୁହାଯାଏ ?

8. କବି ବଳରାମ ଦାସ, ଜଗନ୍ନାଥ ଦାସ କି କି ଗ୍ରନ୍ଥ ଲେଖିଛନ୍ତି ?

9. ପ୍ରଦତ୍ତ ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ?

ଘ]  ପ୍ରଦତ୍ତ ଚିଠିଟି ପଢି ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।  [4x $\frac{1}{2}$ =2]

ସ୍ଥାନ : ଇଚ୍ଛାପୁର,
ତା : 05.06.2016

ପ୍ରିୟ ବନ୍ଧୁ,

ମୁଁ ଏଠାରେ ଭଲରେ ଅଛି । ତୁମେ ସେଠାରେ କୁଶଳରେ ଥିବ ବୋଲି ଆଶାକରେ । ତୁମର ପିତା, ମାତା ଓ ଗୁରୁଜନମାନଙ୍କୁ ମୋର  ପ୍ରଣାମ ଏବଂ ଛୋଟ ମାନଙ୍କୁ ମୋର ସ୍ନେହାଶୀଷ ଜଣାଇଦେବେ ।

ଆମ ବିଦ୍ୟାଳୟରେ ନଭେମ୍ବର 14 ତାରିଖ ଦିନ ଅତି ଉତ୍ସାହର ସହିତ ଗୁରୁଦିବସପାଳନ କଲୁ ।  ସେଦିନ ୟୁନିଫର୍ମ ପିନ୍ଧି ବିଦ୍ୟାଳୟକୁ ଯାଇଥିଲୁ ।  ଶ୍ରେଣୀର ପିଲାମାନେ ଚାନ୍ଦା ଆଦାୟ କରି ବିଭିନ୍ନ ଜିନିଷ କିଣି ପ୍ରଧାନ ଶିକ୍ଷକ ତଥା ଅନ୍ୟାନ୍ୟ ଶିକ୍ଷକମାନଙ୍କୁ ଉପହାର ଦେବା ପୂର୍ବକ ସେମାନଙ୍କର ଆଶୀର୍ବାଦ ଗ୍ରହଣ କରିଥିଲୁ । ରଙ୍ଗମଞ୍ଚ ଉପରେ ଭାରତରତ୍ନ ସର୍ବେପଲ୍ଲୀ ରାଧାକୃଷ୍ଣଙ୍କ  ପ୍ରତିମୂର୍ତ୍ତିକୁ ପୁଷ୍ପମାଲ୍ୟ  ଅର୍ପଣ କରିଥିଲୁ ଏବଂ ସମସ୍ତ ଶିକ୍ଷକଙ୍କୁ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରି ଯଥୋଚିତ ସମ୍ମାନ କରିଥିଲୁ । ପ୍ରଧାନ ଶିକ୍ଷକ ତଥା ଅନ୍ୟାନ୍ୟ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନେ 'ଗୁରୁଦିବସ'ର ଗୁରୁତ୍ୱ ବିଷୟରେ ଭାଷଣ ଦେଇଥିଲେ । ସେଥିରୁ ମୁଁ ବହୁତ କିଛି ଶିକ୍ଷା ପାଇ ସମାଜରେ ଗୁରୁବ୍ରହ୍ମା -ଗୁରୁବିଷ୍ଣୁ -ଗୁରୁଦେବୋ ମହେଶ୍ୱର ବୋଲି କାହିଁକି କହନ୍ତି ଉପଲବ୍ଧି କରିଥିଲି ।

ଚିଠି ପାଇ ପ୍ରତ୍ୟୁତ୍ତର ଦେବ ବୋଲି ଅନୁରୋଧ କରି ତୁମ ବିଦ୍ୟାଳୟରେ କିପରି ଗୁରୁଦିବସ ପାଳନ କରିଥିଲ ଚିଠି ଦ୍ୱାରା ଜଣାଇବ ବୋଲି ଆଶା କରୁଛି ।

ଇତି
ତୋର ପ୍ରିୟ ବନ୍ଧୁ

**ପ୍ରଶ୍ନ:**

10. ଏହି ଚିଠିର କେଉଁଠି ତାରିଖ, ସ୍ଥାନ ଲେଖା ଯାଇଛି ?

11. ଚିଠିର ପ୍ରଥମ ଅନୁଚ୍ଛେଦରୁ କେଉଁ କଥା ଜଣା ଯାଉଛି ?

12. ଏହି ଚିଠିରୁ କେଉଁ ବିଷୟ ତୁମେ ଉପଲବ୍ଧି କରିପାରିଛ ?

13. ଏହି ଚିଠିରୁ ଏକ ପ୍ରଶ୍ନ ତିଆରି କର ?

**II. ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ(ସ୍ୱୀୟରଚନା)** [18 ମାର୍କ]

**ଙ]** ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଦିଅ । [2x2 = 4]

14. ମିଶ୍ରବାବୁଙ୍କ ଚରିତ୍ର ଚିତ୍ରଣ କର ?

15. ସୁନ୍ଦ ଓ ଉପସୁନ୍ଦଙ୍କ ପରିଚୟ ପ୍ରଦାନ କର ।

**ଚ]** ଅନ୍ୟୁନ ଦଶ ବା ବାର ଧାଡିରେ ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । [1x4=4]

16. ପକ୍ଷୀମାନଙ୍କ ଭାଷା ବୁଝିବା ପରିପ୍ରେକ୍ଷୀରେ ମାନବ ଜୀବନକୁ କିପରି ରୂପାୟିତ କରାଯାଇଛି, "କଳିଯୁଗର ସମାପ୍ତି ଏବଂ ମିଶ୍ରବାବୁ" ଗଳ୍ପକୁ ଅନୁସରଣ କରି ଲେଖ ।

( କିମ୍ବା )

"ସୁର ସୁନ୍ଦରୀ" ଏକାଙ୍କିକା ଅନୁସରଣରେ ନାରୀର ସ୍ୱାଭିମାନ ଆତ୍ମ ମର୍ଯ୍ୟାଦା ବୋଧ ଓ ଦୁଷ୍ଟମାନଙ୍କ ଦମନରେ ନାରୀ ଶକ୍ତିର ଭୂମିକା ବର୍ଣ୍ଣନା କର ।

**ଛ]** ନିମ୍ନ ସୃଜନଶୀଳ ପ୍ରଶ୍ନ ଗୁଡିକର ଉତ୍ତର ଦିଅ । [2x5 = 10]

17. ତୁମର ଗ୍ରାମର ପ୍ରଭାତ କାଳୀନ ଦୃଶ୍ୟ ବର୍ଣ୍ଣନା କରି ସାଙ୍ଗ ନିକଟକୁ ଏକ ପତ୍ର ଲେଖ ।

(କିମ୍ବା)

"ବୃକ୍ଷ ରୋପଣ" ର ଆବଶ୍ୟକତା ବିଷୟରେ ଏକ ପ୍ରବନ୍ଧ ଲେଖ ।

18. ପାଠାଗାରର ଆବଶ୍ୟକତା, ପ୍ରୟୋଜନ ଏବଂ ଏହାର ସୁରକ୍ଷା ଦିଗରେ ସଚେତନ କରିବା ପାଇଁ ଏକ ପ୍ରଚାରକର ପତ୍ରଟିଏ ପ୍ରସ୍ତୁତି କର ।

( କିମ୍ବା)

ତୁମର ମନଲାଖି କବିତାଟିଏ ଲେଖ ।

# ସଂଗ୍ରହଣାତ୍ମକ ଆକଳନ -2

## ନମୂନା ପ୍ରଶ୍ନ ପତ୍ର

## ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ଦ୍ୱିତୀୟ ପତ୍ର-I)

## SUMMATIVE ASSESSMENT-II (Model Paper)

## First Language-Odia (Paper-II)

## PART- B

**[X –Class]** **[Max.Marks : 10]** **[ Time : $\frac{1}{2}$ Hours]**

**Student Name: …………………………. Roll No:……………………**

| ଶିକ୍ଷାମାନ | I<br>ବୋଧ-ଅନୁଚିନ୍ତନ | II<br>ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ | III<br>ଭାଷାପ୍ରକରଣ | ମୋଟ |
|---|---|---|---|---|
| ପ୍ରଶ୍ନ ସଂଖ୍ୟା | | | | |
| ପ୍ରଦତ୍ତ ମାର୍କ | 12 | 18 | 10 | 40 |
| ପ୍ରାପ୍ତ ମାର୍କ | | | | |
| ଗ୍ରେଡ୍ | | | | |

**ସୂଚନା:** **1.**ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ସଠିକ ଉତ୍ତର ବନ୍ଧନୀ ମଧ୍ୟରେ ଲେଖ ।

**2.** Part-B ସମ୍ପର୍କିତ ଉତ୍ତର ଗୁଡିକୁ ନିର୍ଦ୍ଦେଶିତ ସ୍ଥାନରେ ଲେଖି Part-A ଉତ୍ତର ଖାତା ସହ ସଂଲଗ୍ନ କର ।

## PART-B

1. ବାକ୍ୟରେ ଥିବା ଠିକ୍ ପଦଯୋଜନା ବା ପଦ ବିନ୍ୟାସକୁ ଏହା କହନ୍ତି । ( )
   କ) କୃଦନ୍ତ ଖ) ଯୋଗ୍ୟତା ଗ) ଆସତ୍ତି ଘ) ଆକାଂକ୍ଷା
2. ପିଲାଟି ଦୌଡୁ ଅଛି । ଏହା କି ପ୍ରକାର ବାକ୍ୟର ଉଦାହରଣ ------ ( )
   କ) ଯୋଗ୍ୟତା ଖ) ଆସତ୍ତି ଗ) ଆକାଂକ୍ଷା ଘ) ଖଣ୍ଡବାକ୍ୟ
3. ବାକ୍ୟରେ ବିଶେଷଣ ପଦ କେଉଁଠି ରହେ । ( )
   କ) ବିଶେଷଣ ପରେ ଖ) ବିଶେଷ ପଦ ପୂର୍ବରୁ
   ଗ) ବିଶେଷ ପରେ ଘ) ସର୍ବନାମ ପରେ
4. ପଣ୍ଡିତ ଶିଷ୍ୟ ମାନଙ୍କୁ ଉପଦେଶ ଦେଲେ । ଏହି ବାକ୍ୟରେ ଗୌଣ କର୍ମ ପଦଟି ଚିହ୍ନଟ କର । ( )
   କ) ପଣ୍ଡିତ ଖ) ଉପଦେଶ ଗ) ପଣ୍ଡିତମାନଙ୍କୁ ଘ) ଦେଲେ
5. ଦୁଇ ବା ତତୋଧିକ ସରଳବାକ୍ୟର ସମାହରରେ ଗଠିତ ବାକ୍ୟକୁ ଏହା କୁହାଯାଏ । ( )
   କ) ସରଳ ବାକ୍ୟ ଖ) ଜଟିଳ ବାକ୍ୟ ଗ) ଖଣ୍ଡ ବାକ୍ୟ ଘ) ଯୋଗିକ ବାକ୍ୟ
6. ଦରକାର ସମୟରେ ଯେ ସାହାଯ୍ୟ କରେ, ତାକୁ ଉପଯୁକ୍ତ ବନ୍ଧୁ କୁହାଯାଏ ।
   ଏହାକୁ କି ବାକ୍ୟ କୁହାଯାଏ ? ( )
   କ) ଜଟିଳ ଖ) ସରଳ ଗ) ମୌଖିକ ଘ) ମିଶ୍ରବାକ୍ୟ

7. ହରି ଭଲ ନାଚିବାରୁ ସୁନାମ ଅର୍ଜନ କରିଛି ।
ଏହି ବାକ୍ୟଟିକୁ ଯୌଗିକ ବାକ୍ୟରେ ପରିଣିତ କଲେ ଏହା ହେବ । ( )
କ) ହରି ନାଚୁଛି ବୋଲି ସୁନାମ ଅର୍ଜନ କରିଛି ।
ଖ) ହରି ଭଲ ନାଚୁଛି ଏଥିପାଇଁ ସୁନାମ ଅର୍ଜନ କରୁଛି ।
ଗ) ଭଲ ନାଚୁଛି ବୋଲି ହରି ସୁନାମ ପାଉଛି ।
ଘ) ସୁନାମ ପାଇଁ ହରି ନାଚୁ ଅଛି ।

8. ତନୁଜା ନାଚ ହେଉ । ଏହାକୁ କର୍ତ୍ତୃ ବାଚ୍ୟରେ ପରିଣିତ କଲେ ଏହା ହେବ । ( )
କ) ତନୁଜା ନାଚିବ
ଖ) ତନୁଜା ନାଚି ପାରିବ
ଗ) ତନୁଜା ନାଚୁ
ଘ) ତନୁଜା ଭଲ ନାଚୁ ଅଛି

9. ସ୍ୱାମୀ ଓ ସ୍ତ୍ରୀ ଦୁଇଜଣ ଯାକ ଆଜି ଆସିବେ ।
ଏହି ବାକ୍ୟଟି ସଂକ୍ଷେପ କଲେ ଏହା ହେବ । ( )
କ) ସ୍ୱାମୀ ,ସ୍ତ୍ରୀ ଆଜି ଆସିବେ ।
ଖ) ଦମ୍ପତ୍ତି ଆଜି ଆସିବେ ।
ଗ) ଦୁଇ ଜଣ ଯାକ ସ୍ୱାମୀ ସ୍ତ୍ରୀ ଆସିବେ
ଘ) ସ୍ୱାମୀ ସ୍ତ୍ରି ଉଭୟେ ଆଜି ଆସିବେ

10. ହରି ଯାତ୍ରା ଦେଖି୍ ନାହିଁ ବୋଲି କହିଲା । ଏହାକୁ ପ୍ରତ୍ୟକ୍ଷ ଉକ୍ତିରେ ପରିଣତ କଲେ ( )
କ) ଯାତ୍ରା ଦେଖି୍ ନାହିଁ, ହରି କହିଲା
ଖ) କେବେ ସେ ଯାତ୍ରା ଦେଖେ ନାହିଁ ବୋଲି ହରି କହିଲା ।
ଗ) ହରି କହିଲା, ସେ କେବେ ଯାତ୍ରା ଦେଖେ ନାହିଁ ।
ଘ) ହରି କହିଲା, ମୁଁ ଯାତ୍ରା ଦେଖେ ନାହିଁ ।

11. କୌଣସି ଶବ୍ଦ ନିଜସ୍ୱ ଅର୍ଥଛାଡି ସ୍ୱତନ୍ତ୍ର ଅର୍ଥ ପ୍ରକାଶ କଲେ ଏହା କୁହାଯାଏ । ( )
କ) ଲୋକବାଣୀ ଖ) ରୂଢି ଗ) ସମାସ ଘ) ସନ୍ଧି

12. "ଅଲଣା କଥା" ରୂଢିଟିର ଅର୍ଥ । ( )
କ) ଅଲୋଡା କଥା ଖ) ବୃଥା କଥା ଗ) ମୂଲ୍ୟହୀନ କଥା ଘ) ଭଲକଥା

13. "ଆ ବଳଦ ମୋତେ ବିନ୍ଧ୍" । ଏହା କି ପ୍ରକାର ରୂଢି ? ( )
କ) କ୍ରିୟା ହୀନ
ଖ) କ୍ରିୟାଯୁକ୍ତ
ଗ) ତୁଳନାତ୍ମକ
ଘ) ନାକାରତ୍ମକ

14. "ସର୍ବନାଶ ହେବା" ଅର୍ଥ ବୁଝାଉ ଥିବା ରୂଢିଟି ( )
କ) କଳାକାଠ ପଡିଯିବା
ଖ) ଆଖିରେ ଧୂଳି ଦେବା
ଗ) କପାଳ ଫାଟିବା
ଘ) ଆଖି୍ ପକାଇବା

15. " ସାପ ପରି ଫଁ ଫଁ ହେବା" ଏହା କି ପ୍ରକାର ରୂଢି ? ( )
କ) କ୍ରିୟାହୀନ
ଖ) ତୁଳନାତ୍ମକ

ଗ) କ୍ରିୟାଯୁକ୍ତ ଘ) ସମାସଗତ ରୂଢି

16. "ମୁହଁ ବଢାଇବା" ଏହି ରୂଢିଟିର ଅର୍ଥ ---- ( )

କ) ସୁଖ ଦେବା ଖ) କଷ୍ଟ ଦେବା

ଗ) ସୁବିଧା ଦେବା ଘ) ନିନ୍ଦା ଦେବା

17. ଆଲୋ ସଖି ____________________ । ଏହି ଲୋକବାଣୀଟିକୁ ପୂରଣ କର । ( )

କ) ଆପଣା ଧନ ଆପେ ରଖି

ଖ) ଆପଣା ମଇତ ଆପେ ରଖି

ଗ) ଆପଣା ଧନ ପର ଘରେ ରଖି

ଘ) ଆପଣା ସୁନା ବଜାରେ ବିକି

18. " ଅତି ବୁଦ୍ଧିଆ" ଅର୍ଥ ବୁଝାଉଥିବା ଲୋକବାଣୀଟି ହେଲା । ( )

କ) ଆଖୁ ତିଆରିରେ ପଶିବା

ଖ) ଆପଣା ଶିଙ୍ଗରେ ଭୁଇଁ

ଗ) ଉଡିଗଲା ଚଢେଇର ପର ଗଣିବା

ଘ) ଉଡିଲା ଚଢେଇକି ବେଶର ବାଟିବା

19. ଗାଁ କନିଆ ________________ ।

ଏହି ଲୋକବାଣୀଟିକୁ ପୂରଣ କର । ( )

କ) ସିଙ୍ଗାଣି ନାକୀ ଖ) ସୁନା ନାକୀ

ଗ) ଗୁଜା ନାକୀ ଘ) ଲମ୍ବା ନାକୀ

20. ' ଅତି ସାମାନ୍ୟ" ଅର୍ଥ ବୁଝାଉଥିବା ଲୋକବାଣୀଟି ହେଲା । ( )

କ) ଜାନ ଯାଉ ମାନ ଥାଉ

ଖ) ଓଟ ମୁହଁରେ ଜିରା

ଗ) କେଉଁ ଗାଇର ଗୋବର

ଘ) କୂପ ମଣ୍ଡୁକ

# ସଂଗ୍ରହଣାତ୍ମକ ଆକଳନ -3

## ନମୂନା ପ୍ରଶ୍ନ ପତ୍ର

## ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ଦ୍ୱିତୀୟ ପତ୍ର-II)

## SUMMATIVE ASSESSMENT-III (Model Paper)

## First Language-Odia (Paper-II)

## PART-A & B

**[X –Class]** **[Max.Marks : 40]** **[ Time : 2.45 Hours]**

**Student Name: ………………………………….   Roll No:…………………………..**

---

**ସୂଚନା :** 1. ପ୍ରଶ୍ନପତ୍ରଟି ପଢିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଅତିରିକ୍ତ 15 ମି. ସମୟ ଦିଆଯାଇଛି ।

2. Part-A ପ୍ରଶ୍ନଗୁଡିକର ଉତ୍ତର ତୁମକୁ ଦିଆ ଯାଇଥିବା ଉତ୍ତର ଖାତାରେ ଲେଖ ।

3. Part-B ପ୍ରଶ୍ନଗୁଡିକର ଉତ୍ତର କେବଳ ପ୍ରଶ୍ନ ପତ୍ରର ସୂଚିତ ସ୍ଥାନରେ ଉତ୍ତର ଲେଖ ।

4. Part-B ପ୍ରଶ୍ନଗୁଡିକର ଉତ୍ତର Part-A ଖାତାରେ ଲେଖିଲେ ମାର୍କ ଦିଆଯିବ ନାହିଁ ।

## PART-A

**I.ବୋଧ-ଅନୁଚିନ୍ତନ ।** [ 12 ମାର୍କ ]

**କ]** **1.** ନିମ୍ନ ଉକ୍ତି ଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ । [4x1 =4]

**କ]** ଦର ଆଉଜା ହୋଇ ରହିଛି ତାଳ ବରଡାର ତାଟି ।

**ଖ]** ଝାଟି ମାଟି କାନ୍ଥ ଉପରେ ତାଳ ବରଡାର ଛପର ।

**ଗ]** ଖରା ତାତିରେ ସେଇଟା ଗରମ ହୋଇ ରହିଛି ।

**ଘ]** ଚାଳିଆ ଉପରେ ଖୁଣ୍ଟ ଦି'ଟା ପୋତି ତା ଉପରେ ଖଣ୍ଡିଏ ଦର ଚଞ୍ଚା ପଟା ଦି'ଟା ବେଞ୍ଚ ।

**ଖ]** ନିମ୍ନ ପଦ୍ୟାଂଶଟି ପଢି ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ । [4x1 =4]

ସାଧ୍ୱୀ ପତିବ୍ରତା ମୁକୁଟ ମଣି
ଜନକ ଦୁହିତା ରାମ ରମଣୀ
ପ୍ରାଣକାନ୍ତ ପଦେ ମସ୍ତକ ଥୋଇ
ପାଦ ପଦ୍ମ ଅଶ୍ରୁ ଶିଶିରେ ଧୋଇ
କହନ୍ତି " ମୁଁ ଯିବି ବନେ
ସଙ୍ଗେ ସଙ୍ଗେ ଥିବି ଶ୍ରୀ ପାଦ ସେବିବି
ଭିକ୍ଷା ମୋର ଶ୍ରୀ ଚରଣେ ।

**ପ୍ରଶ୍ନ:** **2.** ପଦ୍ୟାଂଶଟି କେଉଁ ପୁରାଣ ସହ ସମ୍ପର୍କ ରହିଛି ?

**3.** ଜନକ ଦୁହିତା କିଏ ?

**4.** ଜନକ ଦୁହିତା ବନକୁ ଯାଇ କ'ଣ କରିବ ବୋଲି କହିଛନ୍ତି ?

**5.** "ଜନକ ଦୁହିତା" ଏକ ପଦରେ ପ୍ରକାଶ କର ?

ଗ] ନିମ୍ନ ଅନୁଚ୍ଛେଦଟି ପଢି ପ୍ରଶ୍ନ ଗୁଡିକର ଉତ୍ତର ଲେଖ | [4x $\frac{1}{2}$ =2]

"ପ୍ରତିଭା" ପ୍ରତି ସମ୍ମାନ ପ୍ରତ୍ୟେକ ବ୍ୟକ୍ତି ଓ ଜାତିର କର୍ତ୍ତବ୍ୟ । ପ୍ରତିଭା ନୈସର୍ଗିକ । ଏହା ଭଗବାନଙ୍କର ଆଶୀର୍ବାଦ । ଭାଗ୍ୟବାନ ବ୍ୟକ୍ତି ଏହାର ଅଧିକାରୀ ହୋଇଥାନ୍ତି । ପ୍ରତିଭାର ସମ୍ମାନ ଦେଶ ଓ ଜାତିକୁ ଉନ୍ନତ କରେ । ଏ ଥିରେ ବ୍ୟତିକ୍ରମ ହେଲେ ଦେଶ ଓ ଜାତି ଉନ୍ନତି କରିପାରେ ନାହିଁ। ସମୟର ସ୍ରୋତରେ କେତେ ପ୍ରତିଭା ପ୍ରକାଶ ପାଉଛି ଓ ଲୀନ ହେଉଛି । କିନ୍ତୁ କେତେକ କୃତବିଦ୍ ଚିର ସ୍ମରଣୀୟ ହୋଇ ରହନ୍ତି । ଯେଉଁ ମହାନ ବ୍ୟକ୍ତି ଏ ଦେଶ ଓ ଜାତିର ସମୃଦ୍ଧି ପାଇଁ ଜୀବନ ଉତ୍ସର୍ଗ କରିଯାଇଛନ୍ତି ଏବଂ ବର୍ତ୍ତମାନ ଯେଉଁ ମାନେ ସେହିଦିଗରେ ପ୍ରବୃତ୍ତ ସେମାନଙ୍କର କୀର୍ତ୍ତି ଓ କାର୍ଯ୍ୟକଳାପ ସ୍ମରଣ କରି ସେଥିରୁ ପ୍ରେରଣ ଲାଭ କରିବା ଆମର କର୍ତ୍ତବ୍ୟ । ଭବିଷ୍ୟତ କର୍ମପନ୍ଥାର ଏକ ଉତ୍ସ । ତେଣୁ ଭାରତର ବରପୁତ୍ର ମାନଙ୍କର ଜୀବନୀ ଆଲୋଚନା ଅପରିହାର୍ଯ୍ୟ । ଏହି ମହାନ୍ ବ୍ୟକ୍ତିଙ୍କର ସ୍ମୃତି ଚାରଣ ସଙ୍ଗେ ସଙ୍ଗେ ବର୍ତ୍ତମାନ ଯେଉଁ ସୁଯୋଗ୍ୟ ସନ୍ତାନ ମାନେ ସମାଜର ଉନ୍ନତିରେ ବ୍ର ସେମାନଙ୍କର ଅଭିଜ୍ଞତା ଓ ସଫଳତାର ସୂତ୍ର ଖୋଜି ଆମକୁ ଆଗେଇବାକୁ ପଡିବ ।

ପ୍ରଶ୍ନ: 6. ପ୍ରତ୍ୟେକ ବ୍ୟକ୍ତି ଓ ଜାତିର କର୍ତ୍ତବ୍ୟ କ'ଣ ?

7. କେଉଁ ମାନେ ଚିର ସ୍ମରଣୀୟ ହୋଇ ରହିନ୍ତି ?

8. କାହାରି ଜୀବନୀ ଆଲୋଚନା ଅପରିହାର୍ଯ୍ୟ ?

9. ଏହି ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ?

ଘ] ନିମ୍ନ ତଥ୍ୟଟି ପଢି ତଳଲିଖିତ ପ୍ରଶ୍ନ ଗୁଡିକର ଉତ୍ତର ଦିଅ । [4x $\frac{1}{2}$ =2]

ଓଡିଆ କଥନିକାରେ "ବାର ମାସରେ ତେର ପର୍ବ " । ଏହାର ଅର୍ଥ ହେଲା ମାସ ଅନୁସାରେ ପର୍ବ ସଂଖ୍ୟା ଅଧିକ । ଏପରି ମାସ ନାହିଁ ଯେଉଁ ମାସରେ କି ପର୍ବ ପଡେ ନାହିଁ । ଋତୁରାଜ ବସନ୍ତ ଫାଲ୍ଗୁନ ଓ ଚୈତ୍ରମାସରେ ରାଜତ୍ୱ କରିଥାଏ । ଏହି ଋତୁରେ ପ୍ରକୃତି ରାଣୀ ଅପୂର୍ବ ଶୋଭା ବିମଣ୍ଡିତା ହୁଅନ୍ତି । ଶୀତର ପ୍ରକୋପ କମିଯାଏ । ଦକ୍ଷିଣ ଦିଗରୁ ମୃଦୁ ମଳୟାନିଳ ପ୍ରବାହିତ ହୁଏ । ମଳୟ ସ୍ପର୍ଶରେ ପଶୁପକ୍ଷୀ ଠାରୁ ଆରମ୍ଭ କରି ଜୀବକୁଳ ହର୍ଷ ଉଲ୍ଲାସରେ ମାତି ଉଠନ୍ତି । କର୍ମ ଜଞ୍ଜାଳରୁ ମୁକ୍ତ ହୋଇ ଲୋକମାନେ ଦେବଦେବୀ ପୂଜାକରି ଆନନ୍ଦ ଉପଭୋଗ କରନ୍ତି । ଶିବରାତ୍ରି ପରେ ଫାଲ୍ଗୁନ ପୂର୍ଣ୍ଣିମା ତିଥିରେ ଓଡିଶାରେ ଗ୍ରାମେ ଗ୍ରାମେ ଦୋଳଯାତ୍ରା ପାଳିତ ହୋଇଥାଏ । ଦ୍ୱାପର ଯୁଗର ରାଧାକୃଷ୍ଣଙ୍କ କାହାଣୀକୁ ଭିତ୍ତିକରି ଏହି ଦୋଳଯାତ୍ରାର ସୃଷ୍ଟି । ଏହା ଏକ ରଙ୍ଗର ପର୍ବ; ଫଗୁ( ଅବିର ) ମଖା ହୋଲି ପର୍ବ ଅଟେ । ଗୋପପୁରରେ ସମସ୍ତ ଗୋପୀଗୋପାଳ ରାଧାକୃଷ୍ଣଙ୍କ ମେଳରେ ପରସ୍ପର ଅବିର ମଖାମଖି ହେଉଥିଲେ । ରଙ୍ଗପାଣି ପିଚକାରୀରେ ଭର୍ତ୍ତିକରି ପରସ୍ପରକୁ ମାରୁଥିଲେ ।

ପ୍ରଶ୍ନ: 10. "ବାରମାସରେ ତେର ପର୍ବ" କହିବାର ତାତ୍ପର୍ଯ୍ୟ କ'ଣ ?

11. କେଉଁ ଋତୁରେ ପ୍ରକୃତିରାଣୀ ଅପୂର୍ବ ଶୋଭା ବିମଣ୍ଡିତା ହୁଅନ୍ତି ?

12. ଦୋଳଯାତ୍ରା କେବେ ପାଳିତ ହୁଏ ?

13. ଦୋଳଯାତ୍ରା କେଉଁ ପୌରାଣିକ ଆଖ୍ୟା ସହ ଜଡିତ ?

**II. ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ(ସ୍ୱୀୟରଚନା)** [18 ମାର୍କ]

**ଙ]** ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଦିଅ । [2x2 =4 ]

**14.** ଧରମାର ଚରିତ୍ର ଚିତ୍ରଣ କର ?

**15.** "ଉତ୍ତରାଧିକାରୀ ନିର୍ବାଚନରେ ରାଜତନ୍ତ୍ରରେ ରାଜା ହିଁ ସର୍ବ ମୁଖ୍ୟ" । ଗଳ୍ପରେ ବର୍ଣିତ ଉତ୍ତରାଧିକାରୀଙ୍କ ସମ୍ପର୍କରେ ସଂକ୍ଷିପ୍ତ ଧାରଣା ଦିଅ ।

**ଚ] ଅନ୍ୟୂନ ଦଶ କିମ୍ବା ବାର ଧାଡିରେ ଗୋଟିଏ ପ୍ରଶ୍ନର ଉତ୍ତର ଦିଅ ।** [1x4 = 4]

**16.** ମାତା, ମାତୃଭୂମି ପ୍ରତି ଆକର୍ଷଣ, ପରିବେଶ ପ୍ରତି ସଚେତନତା ଓ ସାମ୍ପ୍ରତିକ ଜୀବନ ଭୂମିର ବାସ୍ତବତା "ବେଲ ଅଶ୍ୱତ୍ଥ ଓ ବଟବୃକ୍ଷ ଗଳ୍ପରେ କିପରି ରୂପାୟିତ ହୋଇଛି ବର୍ଣ୍ଣନା କର ?

(କିମ୍ବା)

ଜାତି ପାଇଁ ବାଳକ ଧରମାର " ଆତ୍ମୋତ୍ସର୍ଗ ଅବିସ୍ମରଣୀୟ" ପଠିତ ଏକାଙ୍କିକା ଅବଲମ୍ବନରେ ଆଲୋଚନା କର ।

**ଛ] ନିମ୍ନ ସୃଜନୀଶୀଲ ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।** [2x5 = 10]

**17.** ତୁମ ଅଞ୍ଚଳର ପାଳିତ ପର୍ବ , ପର୍ବାଣୀ ସମ୍ପର୍କରେ ଏକ ପ୍ରବନ୍ଧ ଲେଖ ।

(କିମ୍ବା)

"ସ୍ୱଚ୍ଛଭାରତ" ର ଆବଶ୍ୟକତା ଜଣାଇ ସାଙ୍ଗଙ୍କ ନିକଟକୁ ଏକ ପତ୍ର ଲେଖ ।

**18.** ତୁମେ ଦେଖିଥିବା ଏକ ଘଟଣାକୁ ନେଇଁ ସମ୍ବାଦ ପ୍ରସ୍ତୁତି କର ?

(କିମ୍ବା)

ମଣ୍ଡଳସ୍ତରୀୟ ଖେଳ ପ୍ରତିଯୋଗୀତାର ଏକ ବିଜ୍ଞାପନ ପ୍ରସ୍ତୁତି କର ।

☆☆☆☆☆☆☆☆

# ସଂଗ୍ରହଣାତ୍ମକ ଆକଳନ -3

## ନମୂନା ପ୍ରଶ୍ନ ପତ୍ର

## ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ଦ୍ୱିତୀୟ ପତ୍ର-I)

**SUMMATIVE ASSESSMENT-III (Model Paper)**

**First Language-Odia (Paper-II)**

**PART- B**

**[X –Class]** **[Max.Marks : 10]** **[ Time : $\frac{1}{2}$ Hours]**

**Student Name: …………………………** **Roll No:……………………**

| ଶିକ୍ଷାମାନ | I<br>ବୋଧ-ଅନୁଚିନ୍ତନ | II<br>ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ | III<br>ଭାଷାପ୍ରକରଣ | ମୋଟ |
|---|---|---|---|---|
| ପ୍ରଶ୍ନ ସଂଖ୍ୟା | | | | |
| ପ୍ରଦତ୍ତ ମାର୍କ | 12 | 18 | 10 | 40 |
| ପ୍ରାପ୍ତ ମାର୍କ | | | | |
| ଗ୍ରେଡ୍ | | | | |

**ସୂଚନା: 1.**ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ସଠିକ ଉତ୍ତର ବନ୍ଧନୀ ମଧ୍ୟରେ ଲେଖ ।

**2.** Part-B ସମ୍ପର୍କିତ ଉତ୍ତର ଗୁଡିକୁ ନିର୍ଦ୍ଦେଶିତ ସ୍ଥାନରେ ଲେଖି Part-A ଉତ୍ତର ଖାତା ସହ ସଂଲଗ୍ନ କର ।

## PART-B

1. ବାକ୍ୟରେ ବ୍ୟବହାର କରାଯାଇଥିବା ପଦଗୁଡିକର ପାରସ୍ପରିକ ସମ୍ବନ୍ଧକୁ ଏହା କୁହାଯାଏ । ( )
   କ) ଆକାଂକ୍ଷା ଖ) ଆସତ୍ତି ଗ) ଯୋଗ୍ୟତା ଘ) ବାକ୍ୟାଂଶ
2. ବାକ୍ୟରେ ବୁଝାପଡୁଥିବା ନିର୍ଦ୍ଦିଷ୍ଟ ଅଂଶକୁ ବା ନିର୍ଦ୍ଦିଷ୍ଟ କେତୋଟି ପଦ ସଂହତିକୁ ଏହା କୁହାଯାଏ । ( )
   କ) ଖଣ୍ଡବାକ୍ୟ ଖ) ବାକ୍ୟାଂଶ ଗ) ଆସତ୍ତି ଘ) ସରଳବାକ୍ୟ
3. ବାକ୍ୟର ଆରମ୍ଭରେ କେଉଁ ପଦ ରହେ । ( )
   କ) କର୍ତ୍ତାପଦ ଖ) କର୍ମ ପଦ ଗ) କ୍ରିୟାପଦ ଘ) ଯୁଗ୍ମକ୍ରିୟାପଦ
4. ଆଜ୍ଞା ! ମୋତେ ଟିକେ ସାହଯ୍ୟ କରନ୍ତୁ । ଏହା କି ପ୍ରକାର ବାକ୍ୟ । ( )
   କ) ବିସ୍ମୟ ସୂଚକ ଖ) ପ୍ରଶ୍ନସୂଚକ ଗ) ଆଦେଶ ସୂଚକ ଘ) ଅନୁରୋଧ ସୂଚକ
5. ଆମ ସାହିତ୍ୟ ଶିକ୍ଷକ ଜଣେ ଜ୍ଞାନୀବ୍ୟକ୍ତି । ଏହା କି ପ୍ରକାର ବାକ୍ୟ ଅଟେ । ( )
   କ) ମିଶ୍ର ବାକ୍ୟ ଖ) ଜଟିଳ ଗ) ସରଳ ଘ) ଯୌଗିକ
6. ବିଜୟ କଲିକତା ଯିବ । ଏହା କି ପ୍ରକାର ବାକ୍ୟ ( )
   କ) କର୍ତ୍ତୃବାଚ୍ୟ ଖ) କର୍ମ ବାଚ୍ୟ ଗ) ଭାବବାଚ୍ୟ ଘ) ଦ୍ୱିରୁକ୍ତି ବାଚ୍ୟ

7. "ଉତ୍କଳମଣି ଗୋପବନ୍ଧୁ" ଥିଲେ ଜଣେ 'ସଚ୍ଚା' ଦେଶ ସେବକ ।
ଏହା କି ପ୍ରକାର ବାକ୍ୟ । ( )
କ) ଆଦେଶ ସୂଚକ ଖ) ବିବୃତି ସୂଚକ
ଗ) ପ୍ରଶ୍ନ ସୂଚକ ଘ) ଅନୁରୋଧ ସୂଚକ

8. ପାନ ବେପାର କରୁଥିବା ଲୋକଟି ଅନ୍ୟ ଗ୍ରାମକୁ ଗଲା ।
ବାକ୍ୟଟିକୁ ସଂକ୍ଷେପ କରି ଲେଖିଲେ ଏହା ହେବ । ( )
କ) ପାନ ବାଲା ଗାଁକୁ ଗଲା ।
ଖ) ପାନ ବେପାରି ଗ୍ରାମନ୍ତର ହେଲା ।
ଗ) ପାନରା ଗ୍ରାମନ୍ତର ଗଲା
ଘ) ପାନରା ଅନ୍ୟଗ୍ରାମ ବାସି ହେଲା

9. "ଜିଜ୍ଞାସୁ" ଛାତ୍ର ବିଦ୍ୱାନ୍ ହେବ । ବାକ୍ୟଟି କେଉଁ ପଦ ଦ୍ୱାରା ସଂକ୍ଷେପ ହୋଇଛି । ( )
କ) କୃଦନ୍ତ ଖ) ତଦ୍ଧିତ
ଗ) ସମାସ ଘ) ସନ୍ଧି

10. ଶିକ୍ଷକ କହିଲେ, "ମୁଁ ଆଜି ସାହିତ୍ୟ ପଢାଇବି" ଏହି ପ୍ରତ୍ୟକ୍ଷ ଉକ୍ତିକୁ ପରୋକ୍ଷ ଉକ୍ତିରେ
ପରିବର୍ତ୍ତନ କଲେ ଏହା ହେବ । ( )
କ) ଶିକ୍ଷକ ସାହିତ୍ୟ ପଢଇବେ ବୋଲି କହିଲେ
ଖ) ସାହିତ୍ୟ ପଢାଇବେ ବୋଲି ଶିକ୍ଷକ କହିଲେ
ଗ) ଶିକ୍ଷକ ଆଜି ସାହିତ୍ୟ ପଢାଇବେ ବୋଲି କହିଲେ ।
ଘ) ସାହିତ୍ୟ ଶିକ୍ଷକ ଆଜି ପାଠ ପଢାଇବେ ।

11. " ଅନ୍ଧର ଲଉଡି" ଏହି ରୂଢିଟିର ଅର୍ଥ ଏହା ହେବ । ( )
କ) ଅନ୍ଧର ବାଡି ଖ) ଅସହାୟର ସହାୟ
ଗ) ଅନ୍ଧର ଆକ୍ଷି ଘ) ଅନ୍ଧର ସମ୍ପତ୍ତି

12. " ଜନ୍ମରୁ ଚତୁର" ଅର୍ଥ ବୁଝାଉଥିବା ରୂଢିଟି ଏହା ହେବ । ( )
କ) ଚାଲାକି ଖ) ସିଆଣିଆ
ଗ) ଅଳିଆରୁ ଗଜା ଘ) ଅତି ଚାଲାକ୍

13. " କପାଳ ଫାଟିବା" ଏହା କି ପ୍ରକାର ରୁଢି ? ( )
କ) କ୍ରିୟାଯୁକ୍ତ ଖ) କ୍ରିୟାହୀନ
ଗ) ତୁଳନାତ୍ମକ ଘ) ଅର୍ଥହୀନ ରୂଢି

14. " ଗୋଟିଏ ଚାଉଳରେ ଗଢା" ରୂଢିଟିର ଅର୍ଥ --- ( )
କ) ଅତି ଚତୁର ଖ) ଅତିଦୁଷ୍ଟ
ଗ) ଅତି ଆପଣାର ଘ) ଅତି ସୁନ୍ଦର

15. " ଶୁଆ ପରି ଘୋଷିବା" । ଏହା କି ପ୍ରକାର ରୂଢି ---- ( )

କ) କ୍ରିୟାଯୁକ୍ତ ଖ) ତୁଳାନାତ୍ମକ

ଗ) କ୍ରିୟାହୀନ ଘ) ସାକାରତ୍ମକ

16. " ଉଷୁନାଧାନ ଗଜା ହେବା" ରୂଢିଟିର ଅର୍ଥ -- ( )

କ) ଉନ୍ନତି ହେବା ଖ) ସର୍ବନାସ ହେବା

ଗ) କଳା କନା ବୁଲାଇବା ଘ) ଅସମ୍ଭବ ହେବା

17. ତିନି ତୁଣ୍ଡରେ --------------- ।

ଶୂନ୍ୟସ୍ଥାନଟି ପୂରଣ କର । ( )

କ) ମେଣ୍ଢା କୁକୁର ଖ) ଛେଳି କୁକୁର

ଗ) ଗାଇ କୁକୁର ଘ) ଘୋଡା କୁକୁର

18. ଅତି ପରିଚୟ ---------------- ।

ଏହି ଶୂନ୍ୟସ୍ଥାନଟି ପୂରଣ କର । ( )

କ) ମର୍ଯ୍ୟାଦା ଲାଭ ଖ) ସମ୍ପଦ ନଷ୍ଟ

ଗ) ଗୌରବ ନଷ୍ଟ ଘ) ପରିବେଶ ନଷ୍ଟ

19. ନାହିଁ ମାମୁଁ ଠାରୁ -------------- ।

ଏହି ଶୂନ୍ୟସ୍ଥାନଟି ପୂରଣ କର । ( )

କ) କଣା ମାମୁଁ ଭଲ ଖ) ଧନୀ ମାମୁଁ ଭଲ

ଗ) ସୁନ୍ଦର ମାମୁଁ ଭଲ ଘ) ଦୁଷ୍ଟ ମାମୁଁ ଭଲ

20. " ହାତେ ମାପି ଚାଖଣ୍ଡେ ଚାଲ" ।

ଏହି ଲୋକବାଣୀଟିର ଅର୍ଥ ଏହା ହେବ । ( )

କ) ଧିରସ୍ଥିରେ କାମ କରିବା ଖ) ଶୀଘ୍ରକାମ କରିବା

ଗ) ସାବଧାନ ହୋଇ କାମ କରିବା ଘ) ମାପି ମାପି ଚାଲିବା

☆☆☆☆☆☆☆☆

# ଉତ୍ତର ଖାତା ମୂଲ୍ୟାଙ୍କନ ନିମିତ୍ତ ସୂଚନା:

**ସୂଚନା:** ଶିକ୍ଷାର୍ଥୀ ଲେଖିଥିବା ଉତ୍ତର ଗୁଡିକ ମଧ୍ୟରୁ ପ୍ରତି ପଦାର୍ଥ, ପଦ୍ୟାଂଶ ପୂରଣ ସହ ସରଳାର୍ଥ ଏବଂ ଦୀର୍ଘ ଉତ୍ତରମୂଳକ ସମ୍ପର୍କିତ ବନାନ ଅଶୁଦ୍ଧି ନିମିତ୍ତ $\frac{1}{8}$ ମାର୍କ, ପ୍ରତ୍ୟେକ ବିଭାଗରୁ କାଟି ଦିଆଯିବ । ଏକ ପ୍ରକାର ବନାନ ଅଶୁଦ୍ଧି ପୁନରାବୃତ୍ତି ହେଲେବି ତାହା କେବେଳ ଗୋଟିଏ ଅଶୁଦ୍ଧି ରୂପେ ପରିଗଣିତ କରାଯିବ । ଉତ୍ତରଟି ବିଷୟ ଅନୁଯାୟୀ ଥିଲେ ଅନ୍ତତଃ ଅତ୍ୟାଧିକ ନମ୍ବର (ମାର୍କ) ଦିଆଯିବ ।

**I.ବୋଧ-ଅନୁଚିନ୍ତନ :** [ 12 ମାର୍କ ]

**କ]** ଘଟଣା କ୍ରମରେ ସଜାଇ ଲେଖିଥିବା
ପ୍ରତ୍ୟେକ ବାକ୍ୟ ପାଇଁ 1 ମାର୍କ ଦିଆଯିବ । ------ 4x1 = 4

**ଖ]** (2,3,4,5 ପ୍ରଶ୍ନ ) ଅପରିଚିତ ପଦ୍ୟାଂଶଟିର ପ୍ରତ୍ୟେକ ଠିକ୍ ଉତ୍ତର ପାଇଁ 1 ମାର୍କ ଦିଆଯିବ ।

**ଗ]** (6,7,8,9 ପ୍ରଶ୍ନ) ଅପରିଚିତ ଅନୁଚ୍ଛେଦଟିର ପ୍ରତ୍ୟେକ
ସଠିକ୍ ଉତ୍ତର ପାଇଁ $\frac{1}{2}$ ମାର୍କ ଦିଆଯିବ । ----- 4x $\frac{1}{2}$ =2

**ଘ]** ( 10,11,12,13 ପ୍ରଶ୍ନ) ଅପରିଚିତ ଗଦ୍ୟାଂଶଟିର ପ୍ରତ୍ୟେକ
ସଠିକ୍ ଉତ୍ତର ପାଇଁ $\frac{1}{2}$ ମାର୍କ ଦିଆଯିବ । ----- 4x $\frac{1}{2}$ =2

**II. ସ୍ୱୀୟ ରଚନା( ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ)** [ 18 ମାର୍କ ]

**ଙ]** (14,15 ) କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ ହୋଇଥିଲେ ମଧ ଗଳ୍ପ, ଏକାଙ୍କିକାର ନାମ ଉଲ୍ଲେଖ କରିବା ଆବଶ୍ୟକ ।

| | | |
|---|---|---|
| ବିଷୟ ବସ୍ତୁ ପାଇଁ | --------- | 1 ମାର୍କ |
| କ୍ରମାନ୍ୱୟରେ ବାକ୍ୟ ନିର୍ମାଣ ପାଇଁ | --------- | 1 ମାର୍କ |
| | ମୋଟ | 2 ମାର୍କ |

**ଚ] 16.** ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପାଇଁ

| | | |
|---|---|---|
| ଗଳ୍ପ ଓ ଗାଳ୍ପିକଙ୍କ ପରିଚୟ ପାଇଁ | ---------- | 1 ମାର୍କ |
| ପ୍ରାସଙ୍ଗିକ ବ୍ୟାଖ୍ୟା ପାଇଁ | ---------- | 2 ମାର୍କ |
| କ୍ରମାନ୍ବୟ ବାକ୍ୟ ନିର୍ମାଣ | ---------- | 1 ମାର୍କ |
| | ମୋଟ | 4 ମାର୍କ |

(କିମ୍ବା)

| | | |
|---|---|---|
| ଏକାଙ୍କିକା ଓ ନାଟ୍ୟକର ସମ୍ପର୍କରେ ସୂଚନା ପାଇଁ | ------- | 1 ମାର୍କ |
| ପ୍ରାସାଙ୍ଗିକ ବ୍ୟାଖ୍ୟା ପାଇଁ | ------- | 2 ମାର୍କ |
| କ୍ରମାନ୍ବୟରେ ବାକ୍ୟ ନିର୍ମାଣ | ------- | 1 ମାର୍କ |
| | ମୋଟ | 4 ମାର୍କ |

**ଛ] 17.** ପ୍ରବନ୍ଧରେ ମୌଳିକ ଚିନ୍ତା, ଉନ୍ନତ ପ୍ରକାଶଭଙ୍ଗୀ ଓ ବିଷୟବସ୍ତୁ ସମ୍ପର୍କରେ ସ୍ୱଷ୍ଟ ଧାରଣା ଥିବା ବାଞ୍ଛନୀୟ । ପ୍ରଣାଳୀ ବଦ୍ଧ ଉପସ୍ଥାପନା, ଯଥାଯଥ ଉଦ୍ଧୃତି, ଅନୁଚ୍ଛେଦ ବିଭାଗୀକରଣ ଓ ରଚନାରେ ସ୍ୱକୀୟ ଚିନ୍ତା ପ୍ରତିଫଳିତ ହେବା ଉଚିତ ।

| | | |
|---|---|---|
| ଉପକ୍ରମ ପାଇଁ | ------- | 1 ମାର୍କ |
| ବିଷୟ ବସ୍ତୁ ଉପସ୍ଥାପନା ପାଇଁ | ------- | 3 ମାର୍କ |
| ଉପ-ସଂହାର | ------- | 1 ମାର୍କ |
| | ମୋଟ | 5 ମାର୍କ |

(କିମ୍ବା)

| | | |
|---|---|---|
| ପତ୍ର ବା ଦରଖାସ୍ତର ପ୍ରାରମ୍ଭ, ସମ୍ବୋଧନ, ସ୍ଥାନ ଓ ତାରିଖ ଆଦି ପାଇଁ | ----- | 1 ମାର୍କ |
| ପ୍ରସଙ୍ଗର ଅବତରଣ ଓ ଯଥାଯଥ ଉପସ୍ଥାପନ ପାଇଁ | ----- | 3 ମାର୍କ |
| ସମାପ୍ତି ସୂଚକ ଅଂଶ ଓ ଠିକଣା ଉଲ୍ଲେଖ ପାଇଁ | ----- | 1 ମାର୍କ |
| | ମୋଟ | 5 ମାର୍କ |

**18.** ପ୍ରଚାର ପତ୍ର, ବିଜ୍ଞାପନ, ପ୍ରସ୍ତୁତି, ସାକ୍ଷାତ କାର ପ୍ରଶ୍ନାବଳୀ ପ୍ରସ୍ତୁତି, ଜୀବନତଥ୍ୟ, ସମ୍ବାଦ ପ୍ରସ୍ତୁତି ଗଳ୍ପ ଲିଖନ, କବିତା ଲିଖନ, ଏକାଙ୍କିକା ଲିଖନ, ବର୍ଣନାତ୍ମକ ପ୍ରବନ୍ଧ, କଥୋପକଥନ(ସଂଳାପ) ପ୍ରଭୃତିରେ - ସୃଜନଶୀଳ ମୌଳିକ ଚିନ୍ତା, ଉନ୍ନତ ପ୍ରକାଶ ଶୈଳୀ, ବିଷୟବସ୍ତୁର ସ୍ୱଷ୍ଟ ଧାରଣା ଓ ସ୍ୱୀୟ ଚିନ୍ତାଧାରା ପ୍ରତିଫଳିତ ହେବା ଉଚିତ ।

| | | |
|---|---|---|
| ପ୍ରାସଙ୍ଗିକ | ---------- | 3 ମାର୍କ |
| ସୃଜନଶୀଳ ଚିନ୍ତାଧାରା | --------- | 2 ମାର୍କ । |

# SUMMATIVE ASSESSMENT-III
## Paper-II (Odia)
## Part – B

1) ଗ ---------- ଯୋଗ୍ୟତା
2) ଖ ---------- ବାକ୍ୟାଂଶ
3) କ ---------- କର୍ତ୍ତା
4) ଘ ---------- ଅନୁରୋଧ ସୂଚକ
5) ଗ ---------- ସରଳବାକ୍ୟ
6) କ ---------- କର୍ତ୍ତୃବାକ୍ୟ
7) ଖ ---------- ବିବୃତି ବାକ୍ୟ
8) ଗ ---------- ପାନରା ଗ୍ରାମାନ୍ତର ଗଲା
9) କ ---------- କୃଦନ୍ତ
10) ଗ ---------- ଶିକ୍ଷକ ଆଜି ସାହିତ୍ୟ ପଢାଇବି ବୋଲି କହିଲେ ।
11) ଖ ------- ଅସହାୟର ସହାୟ
12) ଗ ------- ଓଳଆରୁ ଗଜା
13) କ ------- କ୍ରିୟାଯୁକ୍ତ
14) ଘ ------- ଅତି ସୁନ୍ଦର
15) ଖ ------- ତୁଳନାତ୍ମକ
16) ଗ ------- ଅସମ୍ଭବ ସମ୍ଭବ ହେବା
17) ଖ ------- ଛେଳ କୁକୁର
18) ଗ ------- ଗୌରବ ନଷ୍ଟ
19) କ ------- କଣା ମାମୁ ଭଲ
20) ଗ ------- ସାବଧାନ ହୋଇ କାମ କରିବା

# ସାମ୍ଭାବ୍ୟ ନମୂନା ପ୍ରଶ୍ନମାଳା

# ( ଦ୍ୱିତୀୟ ପତ୍ର – ଦଶମ ଶ୍ରେଣୀ)

## I. ବୋଧ – ଅନୁଚିନ୍ତନ:

**1. ନିମ୍ନ ପଦତ୍ତ ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) ଝିଅ ଏବଂ ନାତି ନାତୁଣୀଙ୍କୁ ନିଜେ ବସାଇ ଦେଇ ଆସିବେ ବୋଲି ଜୟଦେବ ସସ୍ତ୍ରୀକ କେସିଙ୍ଗା ଷ୍ଟେସନକୁ ଯାଇଥାନ୍ତି ।

ଖ) ଟ୍ରେନ୍ ତ ଷ୍ଟେସନରେ ମାତ୍ର ଦୁଇ ମିନିଟ୍ ଠିଆ ହୁଏ ।

ଗ) ଖରା ଛୁଟି ସରି ଆସିଲା ବେଳକୁ ଜୟଦେବ ବାବୁଙ୍କ ଝିଅ ସରିତା ତା' ପୁଅଝିଅଙ୍କୁ ଧରି ଘରକୁ ଫେରୁଥାଏ ।

ଘ) ଟ୍ରେନ୍ ପହଞ୍ଚିଲା ପରେ ତାଙ୍କ ଡବା ପାଖରେ ନାତି ନାତୁଣୀ ମାନେ ଯଥାରୀତି ଆଇଙ୍କ ଜାବୁଡି ଧରିଲେ ଏବଂ ଆଇ ସକେଇବାକୁ ଆରମ୍ଭ କଲେ ।

**2. ନିମ୍ନ ପଦତ୍ତ ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) ମହାଜ୍ଞାନୀ, ପରମ ଧାର୍ମିକ ସତ୍ୟବ୍ରତ ସିଏ, ସତ୍ୟ ରକ୍ଷା କରିବାକୁ ଯାଇ ଅଧର୍ମର ପାଖରେ ରହିଲେ ବୋଲି ତାଙ୍କୁ ବି ମରିବାକୁ ପଡିଲା ।

ଖ) ମୁଁ ତ ତୁମକୁ ଭୀଷ୍ମ ପିତାମହଙ୍କ କଥା ଆଗରୁ କହିଛି ।

ଗ) ଆମର ଦୋଷ ଥାଉ ବା ନଥାଉ ମଣିଷ ପରି ଜୀବଙ୍କ କୁସଙ୍ଗରେ ଆସି ଆମେ ବି ପରମାଣୁ ବୋମାର ସର୍ବଗ୍ରାସୀ ବିଷ ଜ୍ୱାଳାରେ ଧ୍ୱଂସ ପାଇଯିବୁ

ଘ) "ଆମର ବି ସେଇ ଦଶା ହେବ ।" ବିଷର୍ଣ୍ଣ ମନରେ କହୁଥିଲା ମୁନ୍ନିର ବାପା

**3. ନିମ୍ନ ପଦତ୍ତ ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) ଅଙ୍ଗଦ ଚୌଧୁରୀ ଇତିହାସର ଛାତ୍ର ।

ଖ) ବହୁବର୍ଷ ତଳେ ମଗଧରୁ ଆସି ସମ୍ରାଟ ଅଶୋକ କଳିଙ୍ଗ ବିଜୟ କରିଥିଲେ ।

ଗ) ଧଉଳି ପାହାଡର ପାଦ ଦେଶରେ ଏଇ ବଡ ପଥର ମୁଣ୍ଡିଆଟା ଉପରେ କେତେ – ବେଳୁଁ ବସି ରହିଛନ୍ତି ସେ ।

ଘ) ଆସିଛନ୍ତି ନାଳନ୍ଦା ବିଶ୍ୱବିଦ୍ୟାଳୟରୁ ଗବେଷଣା କାର୍ଯ୍ୟରେ ।

**4. ନିମ୍ନ ପଦତ୍ତ ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) ତାହାରି ଭିତରୁ ଶୁଣାଯାଉଛି ଅସଂଖ୍ୟ ଘୋଡା ଟାପୁର ଶବ୍ଦ ।

ଖ) ଘଞ୍ଚ ଜଙ୍ଗଲରେ ଭରି ଗଲାଣି ସମଗ୍ର ଅଞ୍ଚଳ ।

ଗ) ଚାରି ଆଡର କ୍ଷେତବାଡି କୁଆଡେ ମିଳାଇ ଗଲାଣି ।

ଘ) ରକ୍ତର ସୁଅକୁ ଚାହିଁ ଚମକି ଉଠିଲେ ।

**5. ନିମ୍ନ ପଦତ୍ତ ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) ସେଥିରେ ଯାଇଥିଲେ ସିଧାସଳଖ ନଅଟା ବେଳକୁ ଗାଁ ପାଖରେ ପହଞ୍ଚି ଯାଇଥାନ୍ତେ ।

ଖ) ବସ୍‌ଷ୍ଟେଣ୍ଡରେ ପହଞ୍ଚିଲା ବେଳକୁ ସରକାରୀ ବସ୍‌ଟି କେତେବେଳୁ ଛାଡି ଦେଲାଣି ।

ଗ) ପଛି ବସ୍ ଧରି ଫୁଲନଖରାରେ ଓହ୍ଲେଇ ପୁଣି ଆଉ ଥରେ କୁଜି ଘରୋଇ ବସ୍‌ରେ
ବସି ଗାଁ ପାଖ ବସ୍ ଷ୍ଟେଣ୍ଡରେ ପହଞ୍ଚିଲା ବେଳକୁ ବେଳ ଏଗାରଟା ହେଲାଣି ।

ଘ) କିନ୍ତୁ ଆଉ ତ ଉପାୟ ନାହିଁ ।

**6. ନିମ୍ନ ପଦତ୍ତ ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) ଆଖି ପୋଡୁଛି ଖରା ତେଜରେ ।

ଖ) ଓଦା ଗାମୁଛାଟି ଶୁଖି କାଠ ହୋଇଗଲାଣି ।

ଗ) ଝାଳରେ ପଞ୍ଜାବୀଟା ପୂରାପୁରି ଓଦା ହୋଇ ଗଲାଣି ।

ଘ) ଶେଷରେ ତଣ୍ଟି ଅଠା ଅଠା ହୋଇଯାଉଛି ।

**7. 'ସୁନ୍ଦ' ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) ସହସ୍ର ବର୍ଷ କାଳ ଯୁଦ୍ଧ ପରେ ଇନ୍ଦ୍ରଙ୍କୁ ସ୍ୱର୍ଗଚ୍ୟୁତ କରି ବ୍ରହ୍ମାଙ୍କ କୃପାରୁ ଆମର ମୁକ୍ତି ହେଲା ।

ଖ) ମର୍ତ୍ତ୍ୟଲୋକରୁ ଆସୁଥିବା ଯଜ୍ଞଧୂମର ହବି ଚୋରି କରି ଆମକୁ ଚିରକାଳ ବଞ୍ଚନା କରି ଆସିଛନ୍ତି ।

ଗ) ଯାହା ହେଉ, ଏତେ ଦିନ ଦାନବମାଙ୍କର ମନକାମନା ପୂର୍ଣ୍ଣହେଲା ।

ଘ) ଓଃ, ଦେବତା ମାନେ କି ଖଳ ପ୍ରକୃତିର ଜୀବ ।

**୫. 'ଇନ୍ଦ୍ରଙ୍କ' ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) ଆମର ସୈନ୍ୟମାନଙ୍କୁ ଖାଣ୍ଡବ ବନକୁ ଅଧେ, ଆଉ ଅଧେ କାମ୍ୟକ ବନକୁ ପଠାଇ ଦିଅ ।

ଖ) କାର୍ତ୍ତିକେୟ ! ତୁମେ ଦେବ – ସେନାପତି ।

ଗ) ସୁନ୍ଦ ଉପସୁନ୍ଦ ପରସ୍ପର ବିବଦ ମାନ ହେଲେ, ତା'ର ଶେଷଫଳକୁ ଅପେକ୍ଷା ନ କରି ଦୈତ୍ୟନାଶ କରିବାକୁ ଆଦେଶ ଦେବେ ।

ଘ) ସେମାନେ ଜାଗ୍ରତ ରହିଥିବେ ।

**9. ନରସିଂହ ଦେବଙ୍କ ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) ସୂର୍ଯ୍ୟଦେବ ଯେପରି ସମୁଦ୍ର ବକ୍ଷରୁ ଲମ୍ଫ ପ୍ରଦାନ କରି ଆକାଶରେ ଉଦିତ ହୋଇଛନ୍ତି ।

ଖ) ବାସ୍ତବିକ ଅପୂର୍ବ ।

ଗ) ଅପୂର୍ବ ଏ ଦୃଶ୍ୟ ।

ଘ) ଏ ଦୃଶ୍ୟ ବୋଧହୁଏ ମୋ' ଜୀବନରେ ଅପାସରା ରହିଯିବ ।

**10. ଧରମା ମା'ଙ୍କ ଉକ୍ତିଗୁଡିକୁ ଘଟଣା କ୍ରମରେ ସଜାଇ ଲେଖ ।**

କ) କ'ଣ କହିଲୁରେ ଧରମା ! ମୁଁ ତୋ ଦେହ ଛୁଇଁବି !

ଖ) ବାପରେ, ମୁଁ ପଛେ ମରି ଯାଏଁ, ଜିଇଁ ବଞ୍ଚି ତୁ ଯୁଗ ରାଇଜ କର, ତୋ ବାପର ନାଁ ରଖ ।

ଗ) ମୋ ଏକୋଇର ବଳା ବିଶିକେସନ, ଲକ୍ଷେ ଦିଅଁ ପୂଜି ତୋତେ ପାଇଛି ।

ଘ) ମାଁ ହୋଇ ଫେର ମୁଁ ତୋ ଦିହ ଛୁଇଁବି ।

***********

1. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ଲଙ୍ଘଇ ନଦୀ ସ୍ରୋତ ସେତୁ-ବନ୍ଧନ,
ରାଜଦ୍ରୋହୀ ଯେସନ ରାଜ୍ୟଶାସନ ।
ବହି ଯାଉଛି ବାରି ଭେଦି କିଆରୀ,
ମର୍ଯ୍ୟଦା ଲଙ୍ଘେ ଯଥା ସ୍ୱତନ୍ତ୍ର ନାରୀ ।
ଦର୍ଦ୍ଦୁର-ରବି ଶୁଣି ନୀରବ ପିକ,
ମୂଢ ସଭାରେ ମୂକ ଯଥା ଧାର୍ମିକ ।

ପ୍ରଶ୍ନ:

1. ରାଜଦ୍ରୋହୀ ମାନେ କ'ଣ ଲଙ୍ଘନ କରନ୍ତି ?
2. ନାରୀଙ୍କୁ ସ୍ୱତନ୍ତ୍ରତା ଦେଲେ ସେ କ'ଣ ?
3. ମୁର୍ଖ ମାନଙ୍କ ସଭାରେ ଧାର୍ମିକ ମାନଙ୍କ ଅବସ୍ଥା କ'ଣ ?
4. ପ୍ରଦତ୍ତ ପଦ୍ୟାଂଶଟିରୁ ପ୍ରଶ୍ନଟିଏ ତିଆରି କର ?

2. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ପଦପାଇଁ ଲୋକେ ହୋଇ ଲାଳାୟିତ,
ତୋଷିବାକୁ ବ୍ୟସ୍ତ ମନୁଷ୍ୟର ଚିର,
ଭ୍ରମନ୍ତି ମନୁଷ୍ୟ ପାଦ ଅନୁସରି,
ସେହି ମନୁଷ୍ୟର ପୋଷା ଶ୍ୱାନ ପରି ।

ପ୍ରଶ୍ନ:

1. ପଦପାଇଁ କେଉଁମାନେ ଲାଳାୟିତ ହୋଇଥାନ୍ତି ?
2. ମନୁଷ୍ୟର ଚିତ୍ତକୁ କ'ଣ କରିବା ପାଇଁ ବ୍ୟସ୍ତ ହୋଇ ପଡନ୍ତି ?
3. ମନୁଷ୍ୟର ପାଦ ଅନୁସରି କେଉଁ ମାନେ ଭ୍ରସିବା କଥା ପଦ୍ୟାଂଶରେ କୁହାଯାଇଛି ?
4. ପଦପାଇଁ ଲାଳାୟିତ ବ୍ୟକ୍ତିଙ୍କୁ କାହା ସହିତ ତୁଳନା କରାଯାଇଛି ?

3. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ମାନବ ଜୀବନ ରାଜ୍ୟେ ମନ ନରପତି
ନ୍ୟାୟ ଦେବସେ  ରାଜ୍ୟର ଉପଯୁକ୍ତ ମନ୍ତ୍ରୀ ।
ବୁଦ୍ଧ ବିବେଚନା, ଧୃତି ରାଜ ସଭାସଦ,
ବ୍ୟବସ୍ଥା ଦିଅନ୍ତି ଯହିଁ ନହେବ ଆପଦ,
ଜ୍ଞାନେନ୍ଦ୍ରିୟ ପଞ୍ଚ ତହିଁ ରାଜ ପରିଜନ
ପରଜା ଅଟନ୍ତି ମାତ୍ର କର୍ମେନ୍ଦ୍ରିୟ ଗଣ ।

ପ୍ରଶ୍ନ:

1. ମାନବ ଜୀବନ ରୂପକ ରାଜ୍ୟର ନରପତି କିଏ ?
2. ଜ୍ଞାନେନ୍ଦ୍ରିୟ ଗୁଡିକର ନାମ ଲେଖ ?
3. କେଉଁ ମାନେ ରାଜ୍ୟର ଆପଦ ନହେବା ପାଇଁ ବ୍ୟବସ୍ଥା ଦିଅନ୍ତି ?
4. ପ୍ରଦତ୍ତ ପଦ୍ୟାଂଶଟିରୁ ପ୍ରଶ୍ନଟିଏ ତିଆରି କର ?

4. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ସାଧ୍ୱୀପତିବ୍ରତା - ମୁକୁଟମଣି
ଜନକ ଦୁହିତା ରାମରମଣୀ
ପ୍ରାଣକାନ୍ତ ପଦେ ମସ୍ତକ ଥୋଇ
ପାଦ-ପଦ୍ମ-ଅଶ୍ରୁ ଶିଶିରେ ଧୋଇ,
କହନ୍ତି ॥ ମୁଁ ଯିବି ବନେ
ସଙ୍ଗେ ସଙ୍ଗେ ଥିବି ଶ୍ରିପଦ ସେବିବି
ଭିକ୍ଷାମୋର ଶ୍ରୀଚରଣେ ॥

1. ପଦ୍ୟାଂଶଟି କେଉଁ ପୁରାଣର ସମ୍ପର୍କ ରହିଛି ?
2. ପଦ୍ୟାଂଶଟିରେ କିଏ କାହାର ସେବା କରିବା କଥା କୁହାଯାଇଛି ?
3. ସାଧ୍ୱୀ ପତିବ୍ରତା କିଏ ?
4. " ମୁଁ ଯିବି ବନେ" କିଏ ବନକୁ ଯିବା କଥା କୁହାଯାଇଛି ?

5. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

କାଞ୍ଚୀ ଜୟପରେ ପଦ୍ମିନୀ ସଙ୍ଗତେ
ଶ୍ରୀପୁରୁଷୋତ୍ତମ ବାହୁଡି ଏପଥେ,
ସୈନ୍ୟ ସହ ଉଠିମହେନ୍ଦ୍ର ଶିଖରେ
ପୂଜିଥିଲେ ଦେବ ଗୋ କର୍ଣ୍ଣ ଈଶ୍ୱରେ,
ହୁଳହୁଳି ଦେଇ ଶବର - ଲଳନା
ପଦ୍ମିନୀଙ୍କ କରିଥିଲେ ସଉଜନା ।

ପ୍ରଶ୍ନ:

1. ପୁରୁଷୋତ୍ତମ ଦେବ କାଞ୍ଚୀରୁ କାହାକୁ ସଙ୍ଗରେ ଆଣିଥିଲେ ?
2. ମହେନ୍ଦ୍ର ପର୍ବରେ ଶିଖର ଦେଶରେ କେଉଁ ଦେବତା ରହିଛନ୍ତି ?
3. ପୁରୁଷୋତ୍ତମ ଦେବ କେଉଁ ରାଜ୍ୟ ଜୟ କରିଥିଲେ ?
4. ଶବରୀମାନେ କିପରି ଭାବେ ପଦ୍ମିନୀଙ୍କୁ ସ୍ୱାଗତ କରିଥିଲେ ?

6. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

"ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ ।
ବିଦ୍ୟା ଅଟଇ ମହାରତ୍ନ, ହୃଦୟେ ଘେନି କରି ଯତ୍ନ ।
ବିଦ୍ୟା ଅଟଇ ମହାମିତ୍ର, ସେ ସଙ୍ଗେ ହୁଅହେ ପବିତ୍ର ।
ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ ।

ପ୍ରଶ୍ନ:

1. ବାଳକ ମାନଙ୍କୁ କ'ଣ ଉପାର୍ଜନ କରିବାକୁ କୁହାଯାଇଛି ?
2. ବିଦ୍ୟା ଦ୍ୱାରା ମହାବଳ ହୋଇ କ'ଣ କରିବ ବୋଲି କୁହାଯାଇଛି ?
3. ବିଦ୍ୟା ସହ ମିତ୍ର ହୋଇ କ'ଣ ହେବା ପାଇଁ କୁହାଯାଇଛି ?
4. ବିଦ୍ୟାକୁ ଯତ୍ନ କରି ହୃଦୟରେ ଧରିବା କାହିଁକି ?
5.

7. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ବିନୟ ଭାବ ବହିମନେ, ସଂସାରେ ଚଳ ସନାତନେ ।
ସୁଶୀଳ ଶାନ୍ତ ଯାର ପ୍ରାଣ, ଲଭଇ ନିତ୍ୟ ସେ କଲ୍ୟାଣ ।
କପଟଚିନ୍ତା ପରିହରି, ସରଳ ଭାବ ହୃଦେ ଧରି,
ଭାଷିଣ ସତ୍ୟପ୍ରିୟବାଣୀ, ତୋଷିବ ନିତ୍ୟ ସର୍ବପ୍ରାଣୀ ।

ପ୍ରଶ୍ନ:

1. ସଂସାରରେ କିପରି ଚଳିବାକୁ କୁହାଯାଇଛି ?
2. କିଏ ନିତ୍ୟ କଲ୍ୟାଣ ଲଭିଥାଏ ?
3. କ'ଣ ତ୍ୟାଗ କରିବା ପାଇଁ ଏଠାରେ କୁହାଯାଇଛି ?
4. ସମସ୍ତ ପ୍ରାଣୀଙ୍କୁ କିପରି ତୋଷିବା ଉଚିତ ?

8. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

କ୍ରମେ ମଧୁ ଅଟନ୍ତି ଆସଇ ଜଗତେ
ଦାରୁଣ ନିଦାଘ କାଳ,
ତୀକ୍ଷଣ ଶରପ୍ରାୟେ ବର୍ଷର ତପନ
ପ୍ରଚଣ୍ଡ କିରଣ ଜାଳ ।
ହୁତା ଶନ ସମ ତପନ ତାପରେ
ତପ୍ତ ମହୀ କଳେବର,
ତପ୍ତ ଧୂଳି ରାଶି ତପନ ଅନଳେ
ଉଡି ଘୋଟଇ ଅମ୍ବର ।

ପ୍ରଶ୍ନ:

1. କେଉଁ ଋତୁପରେ ଗ୍ରୀଷ୍ମ ଋତୁ ଆସିଥାଏ ?
2. ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣକୁ କାହା ସହ ତୁଳନା କରାଯାଇଛି ?
3. ସୂର୍ଯ୍ୟଙ୍କ କିରଣରେ ପୃଥିବୀ କ'ଣ ହୁଏ ?
4. ମେଘ କିପରି ସୃଷ୍ଟି ହୁଏ ?

9. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ବରଷା କାଳ ଅଟେ ମଙ୍ଗଳକାରୀ
ପାଳଇ ପରଜାଙ୍କୁ ବରଷିବାରି ।
ବାନ୍ଧବ ଅଟେ ତରୁ ଲତା-ଜୀବର
ପ୍ରକାଶ କରୁଣା ସେ ନିରନ୍ତର ।

ପ୍ରଶ୍ନ:

1. କିଏ ମଙ୍ଗଳକାରି ଅଟେ ?
2. ବର୍ଷା କାହାର ବନ୍ଧୁ ଅଟେ ?
3. ବର୍ଷା ଦ୍ୱାରା ଆମର କ'ଣ ଲାଭ ହୁଏ ?
4. ପ୍ରଦତ୍ତ ପଦ୍ୟାଂଶଟିରୁ ପ୍ରଶ୍ନଟିଏ ତିଆରି କର ?

10. **ନିମ୍ନ ପଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ଅସ୍ତହେଲେ ରବି ଗ୍ରହରାଜ ଦିନମଣି,
ତାରାମୟ ହାର ପିନ୍ଧି ଆସିଲା ରଜନୀ ।
ଚନ୍ଦ୍ରମାର ସୁଧା-କରେ ପ୍ରଫୁଲ ଭବନ,
ମନ୍ଦମନ୍ଦ ବହେ ଗନ୍ଧବହ ସମୀରଣ ।
ନୀଳାମ୍ବର ଆଲିଙ୍ଗନେ ଅଧୀର ହୃଦୟ,
ପ୍ରସାରର ସିନ୍ଧୁବକ୍ଷ ନୀଳମଣି ମୟ ।

**ପ୍ରଶ୍ନ:**

1. ଏଠାରେ ଗ୍ରହ ରାଜ କିଏ ?
2. ରଜନୀ ରାଣୀ କ'ଣ ପିନ୍ଧି ଆସିବା କଥା ଏଠାରେ କୁହାଯାଇଛି ?
3. କାହାର କିରଣରେ ପୃଥିବୀ ପ୍ରଫୁଲ୍ଲ ରହେ ?
4. ପ୍ରଦତ୍ତ ପଦ୍ୟାଂଶଟିରୁ ପ୍ରଶ୍ନଟିଏ ତିଆରି କର ?

**1. ନିମ୍ନ ଗଦ୍ୟାଂଶଟିକୁ  ଭଲଭାବେ  ପଢି ଶେଷରେ ଦିଆ ଯାଇଥିବା ପ୍ରଶ୍ନ  ଗୁଡିକର ଉତ୍ତର ଦିଅ ।**

ସ୍ତ୍ରୀ ଶିକ୍ଷା ଅଭାବରୁ ଏ ଦେଶର ସନ୍ତାନ-ସନ୍ତତି ମାନେ ପ୍ରକୃତ ଶିକ୍ଷାର ଅଧିକାରୀ ହୋଇପାରୁ ନାହାନ୍ତି ।  କେତେକେ ପୁସ୍ତକର ଭାବ କେବଳ ଚର୍ବିତ-ଚର୍ବଣ କଲେ କେହି ପ୍ରକୃତ ଶିକ୍ଷିତ ହୁଅନ୍ତି ନାହିଁ ।  କି ଶିକ୍ଷା ଯେଉଁଥିରେ ଚରିତ୍ର ନିର୍ମଳ ନହୁଏ,ଧର୍ମର ଉନ୍ନତି ନହୁଏ ଏବଂ ପ୍ରକୃତ ମନୁଷତ୍ୱ ଗଠିତ  ନହୁଏ ?  ବର୍ତ୍ତମାନ କାଳରେ ଅର୍ଥୋପାର୍ଜନ  ନିମିତ୍ତ କେବଳ ଶିକ୍ଷାଲାଭ କରୁଛନ୍ତି  ।  କିନ୍ତୁ ଅର୍ଥୋପାର୍ଜନ ଶିକ୍ଷାର ଏକମାତ୍ର ଉଦ୍ଦେଶ୍ୟ ନୁହେଁ । ଅର୍ଥୋପାର୍ଜନ ଅପେକ୍ଷା ଶିକ୍ଷା ଦ୍ୱାରା ଆହୁରି ଅନେକ ମହତ୍ ଉଦ୍ଦେଶ୍ୟ ସାଧିତ ହୁଏ । ଶିକ୍ଷା ଯେ ହୃଦୟକୁବିକଶିତ କରେ, ଶିକ୍ଷାର ପ୍ରଭାବରେ ଭ୍ରାନ୍ତି କୁସଂସ୍କାର ପରିତ୍ୟାଗ କରି ମାନବ ଯେ ସତ୍ୟାଲୋକ ଲାଭକରି ଧନ୍ୟହୁଏ, ଶିକ୍ଷା ଯେ ସଂକୀର୍ଣ୍ଣ ହୃଦୟକୁ ଉଦାର କରେ , ଦେଶୋନ୍ନତି, ପାରିବାରିକ ଉନ୍ନତି, ପ୍ରଭୃତିର ପଥ ପରିଷ୍କୃତ କରେ , ଏପରି ଭାବରେ କିଏ ବୁଝନ୍ତି  ନାହିଁ । ଆମ୍ଭ ମାନଙ୍କ ଦେଶର ଶିକ୍ଷିତ ସମ୍ପ୍ରଦାୟରୁ ଅନେକ ଯେ ଦୁଶ୍ଚରିତ୍ର, ଆଳସ୍ୟ, ପରତନ୍ତ୍ର ତାହାର ପ୍ରଧାନ କାରଣ  ସେମାନେ ଶୈଶବାବସ୍ଥାରୁ ପ୍ରକୃତ ଶିକ୍ଷା ଲାଭ କରି ନାହାନ୍ତି ।

**ପ୍ରଶ୍ନ:**

1. ପ୍ରକୃତ ଶିକ୍ଷା କାହାକୁ କୁହାଯାଏ ?
2. ବର୍ତ୍ତମାନ ଶିକ୍ଷାର ଏକମାତ୍ର ଉଦ୍ଦେଶ୍ୟ କ'ଣ ?
3. ଶିକ୍ଷା ଦ୍ୱାରା କେଉଁ କେଉଁ ମହତ ଉଦ୍ଦେଶ୍ୟ ସାଧିତ ହୁଏ ?
4. ପ୍ରଦତ୍ତ ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ?

**2. ନିମ୍ନ ଗଦ୍ୟାଂଶଟିକୁ  ଭଲଭାବେ ପଢି ଶେଷରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ପିଲାମାନଙ୍କର ଓ ବିଦ୍ୟାଳୟର ସଫାସୁତରା ଉପରେ ଜାକିର୍ ହୁସେନ୍ ସବୁବେଳେ ଦୃଷ୍ଟି ଦେଉଥିଲେ ।  ସେଥିପାଇଁ କେଉଁଠି କିଛି ଛିଣ୍ଡାକାଗଜ ପଡିଥିଲେ ତାକୁ ଗୋଟେଇ ନେଇ ସେ ନିଜ ପକେଟରେ ରଖି ଦେଉଥିଲେ । କ୍ଲାସକୁ ଯାଇ ତାହାକୁ ପକେଟରୁ କାଢି ପିଲାଙ୍କୁ ଦେଖାଉଥିଲେ । ଫଳରେ ପିଲାଏ ଲଜ୍ଜିତ ହେଉଥିଲେ ଏବଂ ଆଉ କେବେ ସେପରି କରୁ ନଥିଲେ ।  ଥରେ ଗୋଟିଏ ସ୍କୁଲର ପିଲାଏ ଜୋତା ପାଲିସ୍ ନକରି ସ୍କୁଲକୁ ଆସିଥିବା  ଦେଖି ପରଦିନ ସକାଳେ ସେ ଜୋତା ପାଲିସ୍  ଓ  ବ୍ରସ୍ ଧରିସ୍କୁଲ ଫାଟକ ପାଖରେ ବସିଗଲେ ।   ଯେଉଁ ପିଲାଙ୍କ ଜୋତା ପାଲିସ୍ ହୋଇ ନଥିଲା, ସେମାନଙ୍କ  ଜୋତା ଓହ୍ଲାଇ, ପାଲିସ୍  କରିବା ପରେ ସ୍କୁଲକୁ ଛାଡିଲେ  ।  ତାହା ପିଲାଙ୍କ ପାଇଁ ଏକ ବଡ ଶିକ୍ଷା ହୋଇଥିଲା ।

**ପ୍ରଶ୍ନ:**

1. ବିଦ୍ୟାଳୟ ପରିସରକୁ ପରିଚ୍ଛନ୍ନ ରଖିବା ପାଇଁ ଜାକିର୍ ହୁସେନ୍ କି ପଦକ୍ଷେପ ନେଉଥିଲେ **?**
2. ଜାକିର୍ ହୁସେନ୍  କାହିଁକି ଗେଟ୍ ପାଖରେ ଜୋତା ପାଲିସ୍ ଓ ବ୍ରସ୍‌ଧରି ବସିଥିଲେ **?**
3. ପିଲାମାନଙ୍କୁ ଶିକ୍ଷାଦେବା ପାଇଁ ଜାକିର ହୁସେନ୍ କି ପ୍ରକାର କୌଶଳ ଅବଲମ୍ବନ କରିଥିଲେ **?**
4. ପ୍ରଦତ୍ତ ଗଦ୍ୟାଂଶଟିର ଶିରୋନାମ ଲେଖ **?**

**3.ନିମ୍ନ ଗଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କର ଦେହ ତ୍ୟାଗପରେ ପାଣ୍ଡବମାନେ ପରିକ୍ଷିତକୁ ରାଜ୍ୟ ଦେଇ ଦ୍ରୌପଦୀଙ୍କୁ ସାଙ୍ଗରେ ଧରି ତୀର୍ଥାଟନରେ ବାହାରିଲେ । ପୂର୍ବ ସମୁଦ୍ର-କୂଳସ୍ଥ ଅର୍କ କ୍ଷେତ୍ରରେ ସୂର୍ଯ୍ୟଦେବଙ୍କୁ ପୂଜାକରି ଓଡିଶାର ବିଭିନ୍ନସ୍ଥାନ ଭ୍ରମଣ କଲେ । ପ୍ରାଚୀନ କୋଶଳ ରାଜ୍ୟରେ ଭ୍ରମଣ କଲାବେଳେ ସେମାନେ ଜଳ ନପାଇ ତୃଷାତୁର ହୋଇ ଭଗବାନ ଶ୍ରୀକୃଷ୍ଣଙ୍କୁ ସ୍ମରଣ କଲେ । ଭକ୍ତ ବତ୍ସଳ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବଙ୍କ କଷ୍ଟ ସହି ନପାରି କୌମଦକୀ ଗଦାରେ ପ୍ରଧାନ ପାଟ ପର୍ବତକୁ ପ୍ରହାର କରି ସାତଟି କୁଣ୍ଡ ସୃଷ୍ଟି କଲେ । ଗଦା ପ୍ରହାର ଶବ୍ଦରେ ବନଭୂମି ପ୍ରକମ୍ପିତ ହେଲା । ପାଣ୍ଡବମାନେ ଶବ୍ଦଶୁଣି ଚକିତ ହେଲେ । ସାତ କୁଣ୍ଡରୁ ଜଳଝରି ପର୍ବତରେ ଏକ ପ୍ରପାତ ସୃଷ୍ଟି କଲା । ଯୁଧିଷ୍ଠିର ତ୍ରାଡେଶ୍ୱର ଶିବଲିଙ୍ଗ ସ୍ଥାପନ କରି ସେହି ଜଳରେ ତାଙ୍କୁ ପ୍ରତିଷ୍ଠା କଲେ ।

ପ୍ରଶ୍ନ:

1. ଅର୍କକ୍ଷେତ୍ରରେ କିଏ ପୂଜା ପାଉଛି ?
2. ପାଣ୍ଡବମାନେ କେଉଁ ରାଜ୍ୟରେ ଭ୍ରମଣ କଲାବେଳେ ତୃଷାତୁର ହୋଇ ଶ୍ରୀକୃଷ୍ଣଙ୍କୁ ସ୍ମରଣ କଲେ?
3. ଶ୍ରୀକୃଷ୍ଣ କେଉଁ ପର୍ବତକୁ ପ୍ରହାର କରି ସାତଟି କୁଣ୍ଡ ସୃଷ୍ଟି କଲେ ?
4. ପ୍ରଦତ୍ତ ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ?

**4. ନିମ୍ନ ଗଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ସମାଜ ଓ ଜାତି ସମୃଦ୍ଧ ହୋଇଥାଏ ନୀତି ଓ ଆଦର୍ଶବାଦୀ ବ୍ୟକ୍ତି ବିଶେଷଙ୍କୁ ନେଇ । ଆଦର୍ଶବାଦୀଙ୍କ ଅବଦାନରେ ଜାତୀୟ ଜୀବନ ସମୃଦ୍ଧ ହୋଇଥାଏ, ସମୟକ୍ରମରେ ଜାତୀୟ ଜୀବନ କଳୁଷିତ ହେଲେ ମଧ୍ୟ ନୀତିବାଦୀ ବ୍ୟକ୍ତିର ପ୍ରାଣଶକ୍ତି ଦୁର୍ବଳ ହୁଏନାହିଁ କିମ୍ବା କଠୋର ନିର୍ଯ୍ୟାତନାରେ ଲକ୍ଷ୍ୟଚ୍ୟୁତ ହୁଏ ନାହିଁ । ସଚ୍ଚରିତ୍ର ବ୍ୟକ୍ତି ନୀତି ଓ ଆଦର୍ଶକୁ ଜୀବନର ଧ୍ରୁବତାରା ଭାବେ ଗ୍ରହଣ କରିନେଇ ଅବିଚଳିତ ଭାବରେ ଗତି କରିଥାଏ । ମାଛ ଯେପରି ପାଣି ବିନା ବଞ୍ଚିପାରେ ନାହିଁ । ଆଦର୍ଶକୁ ଜୀବନର ଶ୍ରେଷ୍ଠ ବନ୍ଧୁ ଭାବରେ ଗ୍ରହଣ କରି ନେଇଥିବା ବ୍ୟକ୍ତି ବୈଶାଖୀରେ ପ୍ରଳୟ ଝଞ୍ଜାକୁ ମଥାପାତି ସହିନିଏ । ଯାବତୀୟ ନିର୍ଯାତନାକୁ ହସିହସି ସହିଯାଏ ପଛକେ ଅନ୍ତରର ନିବିଡତମ ପ୍ରଦେଶରୁ ନୀତିକୁ ପରିହାର କରେ ନାହିଁ । ମହାନ୍ ନୀତି ଓ ଆଦର୍ଶର ଅନୁକରଣରେ ମଣିଷ ମହଣ ହୋଇଥାଏ ଜଗତ ମଣିଷର ପୂଜାକରେ ନାହିଁ, ପୂଜାକରେ ମଣିଷ ଭିତରେ ଥିବା ମଣିଷ ପଣିଆକୁ ମହାନ୍ ନୀତି ଓ ଆଦର୍ଶକୁ ।

ପ୍ରଶ୍ନ:

1. ଜାତୀୟ ଜୀବନ କିପରି ସମୃଦ୍ଧ ହୋଇଥାଏ ?
2. ମଣିଷ ମହତ ହୋଇଥାଏ କିପରି ?
3. ମଣିଷ ଭିତରେ ଥିବା କେଉଁ ଗୁଣକୁ ଜଗତ ପୂଜା କରେ ?
4. ପ୍ରଦତ୍ତ ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ?

**5. ନିମ୍ନ ଗଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ଧ୍ୟାନଚାନ୍ଦଙ୍କ ଜନ୍ମ ଟ୍ରାନ୍‌ସୀ ଅଞ୍ଚଳରେ । ବାଲ୍ୟ କାଳରୁ ହକିଖେଳ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା । ସେ ଜଣେ ଉଚ୍ଚକୋଟୀର ଖେଳାଳୀ ହୋଇ ଥିବାରୁ ଲୋକମାନେ ତାଙ୍କୁ "ଟ୍ରାନ୍‌ସିବୀର" କହୁଥିଲେ । ସେ ତାଙ୍କ ଭାଇ ରୂପସିଂହ ଓ ଅନ୍ୟ କେତେକ ବ୍ୟକ୍ତିଙ୍କୁ ନେଇ ଗୋଟିଏ ହକି ଦଳ ଗଢିଥିଲେ । ପୃଥିବୀର ବିଭିନ୍ନ ଦେଶର ହକି ପ୍ରତିଯୋଗିତାରେ ଏହି ଦଳ ବିପୁଳ ବିଜୟ ଲାଭ କରିଥିଲା । 1936 ମସିହାରେ ବର୍ଲିନ୍ ଠାରେ ଅନୁଷ୍ଠିତ ଅଲମ୍ପିକ କ୍ରିଡାରେ ସେ ଭାରତୀୟ ହକି ଦଳର ନେତୃତ୍ୱ ନେଇଥିଲେ । ସେଠାରେ ସେ ଯେଉଁ ଚମକପ୍ରଦ ଖେଳ ଖେଳିଥିଲେ, ତାହା ଦେଖି ଦର୍ଶକବୃନ୍ଦ ତାଙ୍କୁ ଏକ ସ୍ୱରରେ 'ହକି ଖେଳର ଯାଦୁଗର' ବୋଲି ଆଖ୍ୟା ଦେଇଥିଲେ । ତାଙ୍କର ଅସାଧାରଣ କ୍ରୀଡା ନୈପୁଣ୍ୟ ଦେଖି ଲୋକମାନେ ସନ୍ଦେହ କଲେ ଯେ, ସେ "କୁହୁକ ବାଡି" ବ୍ୟବହାର କରୁଛନ୍ତି କିମ୍ବା ସେଥିରେ କୌଣସି ଅଠା ଲଗାଇଛନ୍ତି । ଲୋକଙ୍କର ଏ ସନ୍ଦେହ ମୋଚନ ପାଇଁ ତାଙ୍କୁ ଦୁଇ ତିନିଥର ହକି ଷ୍ଟିକ୍‌କୁ ପରିବର୍ତ୍ତନ କରିବାକୁ ପଡିଥିଲା । ହକି ଖେଳିଲାବେଳେ ହକି ବାଲ୍‌ର ଚଞ୍ଚଳ ଗତି ସହିତ ସତେ ଯେପରି ଧ୍ୟାନଚାନ୍ଦଙ୍କ ସମୁଦାୟ ଶରୀର ତାଳ ଦେଇ ଚାଲିଥାଏ । ହକି ତାଙ୍କ ପକ୍ଷରେ କେବଳ ଗୋଟିଏ ଖେଳ କହିଲେ ଠିକ୍ ହେବ ନାହିଁ, ଏହା ତାଙ୍କର ଜୀବନ ଓ ଏକ ମାତ୍ର ଆମୋଦ ।

ପ୍ରଶ୍ନ:

1. ଧ୍ୟାନଚାନ୍ଦଙ୍କୁ 'ଟ୍ରାନ୍ସିବୀର' ବୋଲି କାହିଁକି କୁହାଯାଉଥିଲା ?
2. ଧ୍ୟାନଚାନ୍ଦ ହକି ଖେଳରେ 'କୁହୁକ ବାଡି' ବ୍ୟବହାର କରୁଥିଲେ ବୋଲି ଲୋକମାନେ କାହିଁକି ସନ୍ଦେହ କଲେ ?
3. 1936 ମସିହାରେ ଅଲମ୍ପିକ୍ କ୍ରୀଡା କେଉଁଠାରେ ଅନୁଷ୍ଠିତ ହୋଇଥିଲା ?
4. ପ୍ରଦତ୍ତ ଗଦ୍ୟାଂଶଟିର ଶିରୋନାମ ଲେଖ ?

**6. ନିମ୍ନ ଗଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ସମୟ କ୍ରମରେ ଯୁଗର ପରିବର୍ତ୍ତନ ଘଟିଥାଏ । ସ୍ରଷ୍ଟା ମନୀଷୀ ମାନେ ସ୍ୱକୀୟ ଆଦର୍ଶ,ପାଣ୍ଡିତ୍ୟ,ସାଧନା ମାର୍ଗରେ ଦେଶର ସାମାଜିକ-ସାଂସ୍କୃତିକ - ଐତିହାସିକ ବିଭବକୁ ଲୋକ ଲୋଚନାକୁ ଆଣିଥାନ୍ତି । ଓଡିଆ ସାହିତ୍ୟର ଇତିହାସ ପ୍ରାଚୀନ ହେଲେ ହେଁ ମୋଟାମୋଟି ଭାବେ ସମାଲୋଚକମାନେ 7ମ-8 ମ ଶତାବ୍ଦୀରୁ ଏହାକୁ ଆଲୋଚନା ପରିସର ଭୁକ୍ତ କରିଛନ୍ତି । ଖ୍ରୀଷ୍ଟିୟ 7ମ ରୁ 14 ଶତାବ୍ଦୀ ଥିଲା ଆଦିଯୁଗ । ଅନେକେ ଏହାକୁ ପ୍ରାକ୍ ସାରଳାଯୁଗ ଭାବେ ଅଭିହିତ କରିଥାନ୍ତି । ଏହି ସମୟ ମଧ୍ୟରେ ଶିଳା ଲିପି,ଶିଳା ଲେଖା,ଅଭିଲେଖା ଖୋଦିତ ହୋଇଥିଲା । ସାହିତ୍ୟର ଆଦ୍ୟ ପ୍ରତିଧ୍ୱନୀ ଆମେ ଏ ସବୁରେ ଉପଲବ୍ଧ କରୁ ।

ପ୍ରଶ୍ନ:

1. ସମୟ କ୍ରମରେ କ'ଣ ଘଟିଥାଏ ?
2. କବି, ସ୍ରଷ୍ଟା ମନୀଷୀମାନେ କ'ଣ ଲୋକଲୋଚନକୁ ଆଣିଥାନ୍ତି ?
3. ଆଦିଯୁଗ କେଉଁ ମସିହା ଠାରୁ କେଉଁ ମସିହା ପର୍ଯ୍ୟନ୍ତ ଥିଲା ?
4. ପ୍ରଦତ୍ତ ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ?

**7. ନିମ୍ନ ଗଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ତତ୍କାଳୀନ ସମାଜରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥିଲା । ମଧୁସୂଦନ ରାଓ ମଧ୍ୟ ସେହି ରୀତି ଅନୁସାରେ ମାତ୍ର ଏଗାରବର୍ଷ ବୟସରେ ପୁରୀ ଠାରେ ବିବାହ କରିଥିଲେ । କନ୍ୟାଟିର ନାମ ଥିଲା ପଦ୍ମାବାଇ । ଶ୍ୱଶୁରଘର ବଂଶର ଲୋକ କଟକରୁ ଆସି ବହୁ ବର୍ଷ ହେଲା ପୁରୀରେ ଅବସ୍ଥାନ କରୁଥିଲେ । କମ୍ ବୟସରେ ମଧୁସୂଦନଙ୍କ ବିବାହ ସଂପନ୍ନ ହୋଇଥିଲେ ହେଁ ପାଠ ପଢାରୁ ବିରତ ରହି ନଥିଲେ । ପୁରୀଜିଲ୍ଲା ସ୍କୁଲରେ ତାଙ୍କର ପଢା ଅବ୍ୟହତ ରହିଥିଲ । ସ୍କୁଲର ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଲାଭ କରି ଅନେକ ପୁରସ୍କାର ପାଇଥିଲେ । ପ୍ରତି ବର୍ଷ ଏଠାରେ “ପ୍ରଶ୍ନ” ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମଧୁସୂଦନ ଏଥିରେ ଅଂଶଗ୍ରହଣ କରି ସଫଳ ହୋଇଥିଲେ ଓ ଲଗାତାର ଭାବେ ତିନିବର୍ଷ ଏକଶତ ଟଙ୍କା ଲେଖାଏଁ ପାଇଥିଲେ । ଏଣ୍ଟ୍ରାସ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣତା ହୋଇ ଦୁଇଥର ପଚାଶଭରି ରୂପା ହାସଲ କରିଥିଲେ ।

**ପ୍ରଶ୍ନ:**

1. ତତ୍କାଳୀନ ସମାଜରେ କି ପ୍ରଥା ପ୍ରଚାଳିତ ଥିଲା ?
2. ମଧୁସୂଦନ ରାଓ କେତେ ବର୍ଷ ବୟସରେ କେଉଁ ଠାରେ ବିବାହ କରିଥିଲେ ?
3. ମଧୁସୂଦନ ରାଓ କେଉଁ ସ୍କୁଲରେ ପଢିଥିଲେ ?
4. ପ୍ରଦତ୍ତ ଗଦ୍ୟାଂଶଟିର ଶିରୋନାମ ଲେଖ ?

**8. ନିମ୍ନ ଗଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ଅମୃତର ସନ୍ତାନ ଶିଶୁ, ଅମୃତସ୍ୟ ପୁତ୍ରଃ । ତାଙ୍କର ଦରୋଟି ଭାଷା, ଅର୍ଥହୀନ ହସ, ସରଳତା ସମସ୍ତଙ୍କୁ ମୁଗ୍ଧ କରିଥାଏ । ଅଜାତ ଶତ୍ରୁ ସେମାନେ । ତେଣୁ ସେମାନଙ୍କୁ ଦିଅଁ କୁହାଯାଏ । ଏହି ଶିଶୁଙ୍କ ଫୁଲ ପ୍ରାୟ କୋମଳ ମନରେ ଧର୍ମ ଭାବନା, ବିଭୁ ଚେତନାର ଛାପ ସୃଷ୍ଟି କରିବାକୁ କବି ଚେଷ୍ଟିତ ରହିଛନ୍ତି । ଜଗତର କାର୍ତ୍ତା ପରମେଶ୍ୱର । ସେ ସକଳ ଘଟରେ ପୂରି ରହିଛନ୍ତି । ପ୍ରଭୁ ଅନ୍ତର୍ଯ୍ୟାମୀ ସକଳ ପ୍ରାଣୀର ମନ, ହୃଦୟରେ ବିଦ୍ୟାମାନ । ଶିଶୁର ହସ,ମନ,ଭାବନାରେ ପ୍ରଭୁଙ୍କ ଅସ୍ୱିତ ସମସ୍ତେ ହୃଦୟଙ୍ଗମ କରନ୍ତି । ଶିଶୁଟିଏ ପରମେଶ୍ୱରଙ୍କୁ ଭକ୍ତିଭରୀ ଅନ୍ତରରେ ପ୍ରାଥନା କରୁଛି । ହେ ପ୍ରଭୁ, ମୋ ହୃଦୟରେ ନିତ୍ୟ ବିରାଜମାନ କର, ସତ୍ୟ ପଥରେ ମୋତେ ଦିଅ । ତମରି ଆଶ୍ରାରେ ମୋ ଦିନ ଯାଉ ।

ପ୍ରଶ୍ନ:

1. ଶିଶୁଙ୍କୁ ଏହି ଅନୁଚ୍ଛେଦରେ ଶିଶୁଙ୍କୁ କ'ଣ କ'ଣ ବୋଲି ସମ୍ବୋଧନ କରାଯାଇଛି ?
2. ଶିଶୁର କ'ଣ ସମସ୍ତଙ୍କୁ ମୁଗ୍ଧ କରିଥାଏ ?
3. ଇଶ୍ୱର କେଉଁଠାରେ ବିଦ୍ୟାମାନ ବୋଲି କୁହାଯାଇଛି ?
4. ପ୍ରଦତ୍ତ ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ?

**9. ନିମ୍ନ ଗଦ୍ୟାଂଶଟି ଭଲଭାବେ ପଢି ଶେଷରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ଓଡିଆ ସାହିତ୍ୟରେ ଅନେକ କବି ଅଛନ୍ତି । ଯେଉଁମାନେ ଭକ୍ତ । ଜଗନ୍ନାଥ ଦାସ, ପିତାମ୍ବର ଦାସ, ଦୀନକୃଷ୍ଣ ଦାସ, ରାମଦାସ । ଜଗନ୍ନାଥ ଦାସ ଭକ୍ତ କବି ଥିଲେ ସତ, କିନ୍ତୁ ସାଧାରଣରେ ସେ 'ଅତିବଡୀ' ଭାବରେ ହିଁ ବିବଚିତ । ପିତାମ୍ବର ଦାସଙ୍କ 'ନୃସିଂହ ପୁରାଣ' ଏକ ଧର୍ମ ରସାଶ୍ରିତ ଗ୍ରନ୍ଥ । କବି ଏହି ଦୃଷ୍ଟିରୁ ଭକ୍ତ କବି, ମାତ୍ର ଭକ୍ତକବି ଭାବେ ସେ ଯେତେଟା ପରିଚିତ ନୁହନ୍ତି ତାଠାରୁ ଅଧିକ ଲୋକ ପ୍ରିୟ ପୁରାଣକାର ଭାବେ । 'ରସକଲ୍ଲୋଳ' କବି ଦିନକୃଷ୍ଣ ଦାସଙ୍କ ଏକ ଶ୍ରେଷ୍ଠ ଓ ପବିତ୍ର ଆଧ୍ୟାତ୍ମିକ କାବ୍ୟ, ତାଙ୍କୁ ଅନେକ " ଭକ୍ତ କବି ଦୀନକୃଷ୍ଣ " ଭାବେ ଜାଣନ୍ତି, କିନ୍ତୁ "ଭକ୍ତକବି" ହୁଏତ ତାଙ୍କୁ ବୁଝିବେ ନାହିଁ । ଠିକ୍ ସେହିପରି 'ଦାଢର୍ତ୍ୟା ଭକ୍ତି'ର ସ୍ରଷ୍ଟା ରାମ ଦାସ । ସେ ଇଶ୍ୱରଙ୍କ ପରମଭକ୍ତ ଥିଲେ । ତାଙ୍କୁ ଅନେକ 'ଭକ୍ତ ରାମଦାସ' ବା 'କବି ରାମଦାସ' ଭାବେ ଜାଣନ୍ତି ।

ପ୍ରଶ୍ନ :

1. ଓଡିଆ ସାହିତ୍ୟର କେତେ ଜଣ କବିଙ୍କ ନାମ ଲେଖ ?
2. "ଅତି ବଡୀ" ବୋଲି ଆଖ୍ୟା ପାଇଥିବା କବିଙ୍କ ନାମ ?.
3. 'ରସକଲ୍ଲୋଳ' କାବ୍ୟର କବି କିଏ ?
4. ପ୍ରଦତ୍ତ ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ।

**10. ନିମ୍ନ ଗଦ୍ୟାଂଶଟିକୁ ଭଲଭାବେ ପଢି ଶେଷରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ପୃଥିବୀ ଇତିହାସରେ ଗୁପ୍ତଯୁଗକୁ ଭାରତରେ ସୁବର୍ଣ୍ଣ ଯୁଗ ବୋଲି କୁହାଯାଇଛି । ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଯେଉଁ ମହାମତି କୂଟନୀତିଜ୍ଞଙ୍କ ସହାୟତାରେ ପଶ୍ଚିମରେ ପାମିର ଓ ହିନ୍ଦୁକୁଶ ଦକ୍ଷିଣରେ ମହୀଶୂର ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାରଣ କରି ପୃଥିବୀରେ ପ୍ରାଚୀନ ସାମ୍ରାଜ୍ୟ ମାନଙ୍କ ମଧ୍ୟରେ ଶକ୍ତି ଓ ସମୃଦ୍ଧି ଏବଂ ଅନୁଶାସନ ଦୃଷ୍ଟିରୁ ଭାରତରେ ମୌର୍ଯ୍ୟ ସାମ୍ରାଜ୍ୟ ଇତିହାସରେ ଏକ ଗୌରବ ମନ ଆଧାମ୍ ସୃଷ୍ଟି କରିଥିଲା । ସେହି ବିଚକ୍ଷଣ କୂଟନୀତିଜ୍ଞ ହେଉଛନ୍ତି ମହାପଣ୍ଡିତ ଚାଣକ୍ୟ । ତାଙ୍କ ବିଷୟରେ ଇତିହାସ ନିରବ । ଐତିହାସିକ ଭାଷା, ଗଣ ବାକ୍ଶୂନ୍ୟ ଅପରନ୍ତୁ ତାଙ୍କୁ ଜଣେ ପ୍ରତିହିଂସା ପରାୟଣ କ୍ରୋଧୀ ପଣ୍ଡିତ ବୋଲି ଚିତ୍ରଣ କରାଯାଇଛି ।

ପ୍ରଶ୍ନ:

1. କାହାକୁ ସୁବର୍ଣ୍ଣଯୁଗ ବୋଲି କୁହାଯାଇଛି ?
2. ଚନ୍ଦ୍ରଗୁପ୍ତ ମୌର୍ଯ୍ୟ କେଉଁଠାରେ କେଉଁ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିଥିଲେ ?
3. ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ କିଏ ପ୍ରେରଣା ଦେଇଥିଲେ ?
4. ପ୍ରଦତ୍ତ ଅନୁଚ୍ଛେଦଟିରୁ ପ୍ରଶ୍ନଟିଏ ତିଆରି କର ?

# II. ଗଳ୍ପ ଓ ଏକାଙ୍କିକାର ନମୂନା ପ୍ରଶ୍ନମାଳା

## 1. କଳିଯୁଗର ସମାପ୍ତି ଏବଂ ମିଶ୍ରବାବୁ

1. ଗୌରୀ ଓ ମିଶ୍ରବାବୁ ସପରିବାର ଭବାଣୀପାଟଣା ଆସିବାର କାରଣ କ'ଣ ?
2. ସକାଳ ପରିବେଶକୁ ଗାଳ୍ପିକ କିପରି ବର୍ଣ୍ଣନା କରିଛନ୍ତି ?
3. ମୁନ୍ନା ଓ ମୁନ୍ନିଙ୍କ ମା'ଙ୍କ ଭିତରେ କି କଥୋପକଥନ ହୋଇଥିଲା ?
4. ମଣିଷମାନେ ସଂସାର ବନ୍ଧନ କହିଲେ କ'ଣ ବୁଝନ୍ତି ?
5. ମଣିଷମାନଙ୍କର ଭେକ ଓ ବେଶ ସେମାନଙ୍କର ଯଥାର୍ଥ ପରିଚୟ ନୁହେଁ- ବଣି ପକ୍ଷୀର ଛୁଆଙ୍କୁ ଉପଦେଶ ବିଶ୍ଳେଷଣ କର ।
6. କଳିଯୁଗର ଶେଷ ହେବ କିପରି ?
7. ଗାଳ୍ପିକ ସତ୍ୟଯୁଗର ଆରମ୍ଭ କିପରି ହେବ ବୋଲି କହିଛନ୍ତି ?

## 2. କାଳର କପୋଳ ତଳେ

1. ରାଜେଶ୍ୱରୀ କିଏ ? ତାଙ୍କ ଚରିତ୍ରରେ କି କି ବିଶେଷତା ପରିଲକ୍ଷିତ ହୁଏ ?
2. ଦୀର୍ଘଦେହୀ ଉଜ୍ଜଳ ପୁରୁଷ ସମ୍ପର୍କରେ ଗଳ୍ପରେ କ'ଣ କୁହାଯାଇଛି ?
3. 'ଉତ୍ତରାଧିକାରୀ ନିର୍ବାଚନରେ ରାଜତନ୍ତ୍ରରେ ରାଜା ହିଁ ସର୍ବମୁଖ୍ୟ – ଗଳ୍ପରେ ଉତ୍ତରାଧିକାରୀଙ୍କ ସମ୍ପର୍କରେ ସଂକ୍ଷିପ୍ତ ଧାରଣା ଦିଅ ।
4. ରାଜେଶ୍ୱରୀ ଅଶୋକଙ୍କ ବିରାଟ ସେନା ବାହିନୀ ସହିତ ଯୁଦ୍ଧ କରିବା ପାଇଁ କେଉଁ କୌଶଳ ଅବଲମ୍ବନ କରିଥିଲେ ?
5. ରାଜନୀତିରେ ବ୍ରହ୍ମାସ୍ତ୍ର ହେଉଛି ଷଡଯନ୍ତ୍ର – ଏ କଥା କୁହାଯାଇଛି କାହିଁକି ?
6. ଅଶୋକ କାହିଁକି ଯୁଦ୍ଧ ବିରତି ଘୋଷଣା କଲେ ?

## 3. ବେଲ , ଅଶ୍ୱତ୍ଥ ଓ ବଟବୃକ୍ଷ

1. "ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ" ଗଳ୍ପର ନାମକରଣର ଯଥାର୍ଥତା ସଂକ୍ଷେପରେ ଲେଖ ।
2. ନଟବର ବାବୁଙ୍କ ଗାଆଁକୁ ଯାଇଥିବା ରାସ୍ତାର ଅବସ୍ଥା କିପରି ଥିଲା ?
3. ନଟବର ବାବୁ ତା'ଙ୍କ ବୋଉଙ୍କ ସମ୍ପର୍କରେ କ'ଣ ଚିନ୍ତା କରିଥିଲେ ?
4. ମଣିଷ ଜାତିଟା ଅକୃତଜ୍ଞ ବୋଲି ନଟବର ଏ ସମ୍ପର୍କରେ କ'ଣ ଭାବିଛନ୍ତି ?
5. ପ୍ରାଣୀ ଜଗତର ନିୟମ କ'ଣ ବୋଲି ଗଳ୍ପରେ କୁହାଯାଇଛି ?
6. ନଟବରଙ୍କ ପିଲାଙ୍କ ଆଚରଣ କିପରି ହୋଇଛି ?

7. ଆଜିକାଲି କେଉଁମାନେ ଏକ ପରିକିଆ, ବ୍ୟକ୍ତିନିଷ୍ଠ ଓ ସ୍ୱାର୍ଥପର ହୋଇଯାଉଛନ୍ତି ?

8. 'କି ସୁଖ ଆଉ ରହିଲା ଜୀବନରେ' ? – ଏମିତି କିଏ ଭାବିଛନ୍ତି ?

9. ଗାଆଁରେ ଥିବା ଶିବ ମନ୍ଦିରର ପରିବେଶ କିପରି ଥିଲା ?

10. ବରଗଛକୁ ମହାନ୍ ସ୍ନେହମୟୀ ଜନନୀ ସହିତ ଗାଳ୍ପିକ କାହିଁକି ତୁଳନା କରିଛନ୍ତି ?

# 4. ସୁର ସୁନ୍ଦରୀ

1. ପଠିତ ଏକାଙ୍କିକାରୁ ସୁନ୍ଦ ଓ ଉପସୁନ୍ଦଙ୍କର ପରିଚୟ ପ୍ରଦାନ କର ।

2. ଶଚୀ ସୁନ୍ଦ ଓ ଉପସୁନ୍ଦଙ୍କୁ କାହିଁକି ପୃଥିବୀର ଶତ୍ରୁବୋଲି କହିଥିଲେ ?

3. ପଠିତ ଏକାଙ୍କିକାକୁ ଭିତ୍ତିକରି ନାରୀ ଶକ୍ତିର ପରିଚୟ ପ୍ରଦାନ କର ?

4. ସୁନ୍ଦ ଓ ଉପସୁନ୍ଦଙ୍କୁ କ ବର ପ୍ରଦାନ କରିଥିଲେ ?

5. ଇନ୍ଦ୍ରଦେବ ତିଳୋତ୍ତମାକୁ କ'ଣ କହିଥିଲେ ?

6. "ସୁର ସୁନ୍ଦରୀ" ଏକାଙ୍କିକାର ବିଷୟ ବସ୍ତୁ ନିଜ ଭାଷାରେ ଲେଖ ।

# 5. କୋଣାର୍କ

1. ଧରମାର ସାହସ ଓ ତ୍ୟାଗ ସମ୍ପର୍କରେ ଲେଖ ।

2. ଛାୟାଦେବୀ ନରସିଂହ ଦେବଙ୍କୁ କ ଅନୁରୋଧ କରିଥିଲେ ?

3. ଧରମାକୁ ତା' ମାଆ କୋଣାର୍କ ଯିବାକୁ ଛାଡୁନଥିଲେ କାହିଁକି ?

4. ଧରମା ଆଗନ୍ତୁକ କଥାରେ କୋଣାର୍କ ଯିବାକୁ ବାହାରିବାର ମୁଖ୍ୟ କାରଣ କ'ଣ ?

5. "ବାରଶ ବଢେଇର ଦାୟ'ର ଅର୍ଥ କ'ଣ ?

6. ଧରମା ଚରିତ୍ର ବିଶେଷତ୍ୱ ଲେଖ ।

7. ବିଶୁ ମହାରଣାର ଚରିତ୍ର ବର୍ଣ୍ଣନା କର ।